READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524




ବର୍ଷ-୪ | ସଂଖ୍ୟା-୨୭ | ୨୦ - ୨୬ ଜୁଲାଇ, ୨୦୨୦ | ଭୁବନେଶ୍ୱର | Monday Weekly | VOL-4 | ISSUE-27 | 20th - 26th JULY, 2020 | BHUBANESWAR | ₹ 5/- (8 Pages)

# ଦେଶରେ ଗୋଷ୍ଠୀ ସଂକ୍ରମଣ ଆରମ୍ଭ !

**ନୂଆଦିଲ୍ଲୀ :** ଭାରତରେ କରୋନା ସ୍ଥିତି ଦିନକୁ ଦିନ ଭୟଙ୍କର ରୂପ ନେବାରେ ଲାଗିଛି। ପ୍ରତ୍ୟେକ ଦିନ ୩୦ ହଜାରରୁ ଉର୍ଦ୍ଧ୍ୱ ଲୋକ କରୋନାରେ ଆକ୍ରାନ୍ତ ହେଉଛନ୍ତି। ଦେଶରେ କରୋନାରେ ୧୦ ଲକ୍ଷ ଲୋକରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ହୋଇଥିଲା ବେଳେ ଏବେ ଗୋଷ୍ଠୀ ସଂକ୍ରମଣ ଆରମ୍ଭ ହୋଇଛି ବୋଲି ଭାରତୀୟ ମେଡିକାଲ ଆସୋସିଏସନ (ଆଇଏମ୍ଏ) ପକ୍ଷରୁ କୁହାଯାଇଛି। ଆଇଏମ୍ଏ ମୁଖ୍ୟ ଡକ୍ଟର ଭି କେ ମୋଙ୍ଗା କହିଛନ୍ତି, 'ଏବେ ସଂକ୍ରମଣ ଦ୍ରୁତଗତିରେ ବୃଦ୍ଧିପାଉଛି। ଏହା ଦେଶ ପାଇଁ ଅତି ଖରାପ। କରୋନା ଏବେ ଗ୍ରାମାଞ୍ଚଳଗୁଡିକରେ ବ୍ୟାପୀବାରେ ଲାଗିଛି। ➤ ପୃ-୬



## ସଫଳତାର ଶେଷ ପର୍ଯ୍ୟାୟରେ କୋଭାକ୍ସିନ୍

**ନୂଆଦିଲ୍ଲୀ :** ସମଗ୍ର ବିଶ୍ୱର ଏକାଧିକ ରାଷ୍ଟ୍ର ମହାମାରୀ କରୋନାକୁ ମାତ୍ ଦେବା ପାଇଁ ଟୀକା ବାହାର କରିବା କାର୍ଯ୍ୟରେ ଲାଗି ପଡିଛନ୍ତି। ଭାରତରେ ମଧ୍ୟ ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ହୋଇଥିବା କରୋନା ଟୀକା ହ୍ୟୁମାନ ଟ୍ରାଏଲ ଚାଲିଛି। ଏହି କରୋନା ଟୀକାର ନାଁ କୋଭାକ୍ସିନ। କୋଭାକ୍ସିନ୍‌କୁ ନେଇ ଭାରତ ସରକାର ବଡ ସୂଚନା ଦେଇଛନ୍ତି। ସରକାର କହିଛନ୍ତି, କୋଭାକ୍ସିନ ସଫଳତା ଦିଗରେ ଆଗେଇ ଚାଲିଛି। ଆମେ ଖୁବ୍‌ଶୀଘ୍ର କରୋନା ବିରୋଧୀ ଯୁଦ୍ଧରେ ଜିତିବା। ଆମେ ସମସ୍ତେ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚି ଯାଇଛୁ। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ➤ ପୃ-୬




## ନୂଆ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ :** ଓଡ଼ିଶା, ବିହାର, ପଶ୍ଚିମବଙ୍ଗ ଓ ଆସାମରେ କରୋନା ସଂକ୍ରମଣ ଦ୍ରୁତଗତିରେ ବୃଦ୍ଧି ପାଇବା ପରିପ୍ରେକ୍ଷୀରେ ଏହାକୁ ରୋକିବା ପାଇଁ କେତେକ ନୂଆ ପଦକ୍ଷେପ ନେବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏହି ରାଜ୍ୟଗୁଡିକୁ କରୋନା ଭୂତାଣୁ ଦ୍ୱାରା ବିଶେଷ ପ୍ରଭାବିତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିବା ସହ ସର୍ଭିଲାନ୍ସ, ଟେଷ୍ଟିଂ ଓ ବଫର ଜୋନ୍ ଘୋଷଣା କରିବା ପାଇଁ କୁହାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ➤ ପୃ-୬

## ଭୁବନେଶ୍ୱରରେ ହୋଇନି ଗୋଷ୍ଠୀ ସଂକ୍ରମଣ

**ଭୁବନେଶ୍ୱର :** ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ଦ୍ରୁତଗତିରେ ବଢ଼ିଚାଲିଛି କରୋନା ସଂକ୍ରମଣ। ଜୁଲାଇ ୧ ତାରିଖରୁ ୧୮ ତାରିଖ ଭିତରେ କେବଳ ଭୁବନେଶ୍ୱରରେ ୮୨୦ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏବେବି ୬୨୪ଜଣ ସଂକ୍ରମିତ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ରହିଛନ୍ତି। ପ୍ରତ୍ୟେକ ଦିନ ସ୍ଥାନୀୟ ସଂକ୍ରମଣ ଉଦ୍‌ବେଗଜନକ ଭାବେ ବଢ଼ିବାରେ ଲାଗିଛି। କିନ୍ତୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭୁବନେଶ୍ୱରରେ ଏପର୍ଯ୍ୟନ୍ତ ଗୋଷ୍ଠୀ ସଂକ୍ରମଣ ହୋଇନାହିଁ। ଭୁବନେଶ୍ୱରରେ କରୋନା ସଂକ୍ରମଣର ମାତ୍ରା କମ ରହିଛି ବୋଲି ଆର୍‌ଏମ୍‌ଆରସି ପକ୍ଷରୁ କୁହାଯାଇଛି।

ଭୁବନେଶ୍ୱରରେ ଗୋଷ୍ଠୀ ସଂକ୍ରମଣ ହୋଇଛି କି ନାହିଁ, ହସ୍ପିଟାଲ ନ ଯାଇ କେତେ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ଏବଂ କେତେ ଲୋକଙ୍କ ଦେହରେ ଆଣ୍ଟିବଡି ବିକଶିତ ହୋଇଛି ତାହା ଜାଣିବା ପାଇଁ ଆର୍‌ଏମ୍‌ଆର୍‌ସି ପକ୍ଷରୁ ରାଜଧାନୀରେ ସେରୋଲୋଜିକାଲ ସର୍ଭେ ଚାଲିଛି। ଜୁଲାଇ ୧୧ରୁ ଆରମ୍ଭ ହୋଇଥିବା ଏହି ସର୍ଭେର ଅନ୍ତରୀଣ ରିପୋର୍ଟ ଇତିମଧ୍ୟରେ ପ୍ରକାଶ ପାଇଛି। ସେଥିରେ ଜଣାପଡିଛି ଯେ, ରାଜଧାନୀରେ ବହୁ ଲୋକ କରୋନା ସଂକ୍ରମିତ ହୋଇନାହାନ୍ତି। ଆର୍‌ଏମ୍‌ଆର୍‌ସି ପକ୍ଷରୁ କୁହାଯାଇଛି ଯେ, କେତେ ଲୋକଙ୍କ ଶରୀରରେ ଆଣ୍ଟିବଡି ବିକଶିତ ହୋଇଛି, ତାହା ଜାଣିବା ପାଇଁ ପ୍ରଥମ ପର୍ଯ୍ୟାୟ ସର୍ଭେ ଜାରି ରହିଛି। ଏଥିରେ ୯ଶହ ସ୍ଥାନୀୟ ଲୋକଙ୍କର ନମୁନା ସଂଗ୍ରହ ହୋଇଥିଲା। ଗବେଷଣାରୁ ଜଣାପଡିଲା ଯେ, ମାତ୍ର ୨%ରୁ କମ୍ ଲୋକଙ୍କ ଶରୀରରେ ଆଣ୍ଟିବଡି ବିକଶିତ ହୋଇଛି। ଅର୍ଥାତ୍ ଖୁବ୍ କମ ଲୋକଙ୍କର ସେରୋ-ପଜିଟିଭ୍ ବାହାରିଛି।

## ନାଲିଆଖି ନ ଦେଖାଇ ଲୋକଙ୍କୁ ବୁଝାଅ : ଧର୍ମେନ୍ଦ୍ର

**ଭୁବନେଶ୍ୱର :** କରୋନା ପାଇଁ ଲୋକଙ୍କୁ ସଚେତନ କରିବା ଦାୟିତ୍ୱରେ ଥିବା ଓଡିଶାର ପ୍ରଶାସନିକ ଅଧିକାରୀମାନେ କଷ୍ଟ ହେଲେ ମଧ୍ୟ ଅସୀମ ଧୈର୍ଯ୍ୟ ରଖି ସମସ୍ତଙ୍କ ମନକୁ ଜିତି ସମାଜକୁ ବୁଝାଇବା କାମରେ ଲାଗିବା ଦରକାର ବୋଲି ସାମାଜିକ ଗଣମାଧ୍ୟମରେ ଏକ ଭିଡ଼ିଓ ବାର୍ତ୍ତା ମାଧ୍ୟମରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ କରୋନା ମହାମାରୀର ପ୍ରକୋପ ଲମ୍ବା ସମୟ ଧରି ଚାଲିବ। ଏହାକୁ ଧ୍ୟାନରେ ରଖି ସମସ୍ତଙ୍କ ଜୀବନ ଓ ଜୀବିକାକୁ ମଧ୍ୟ ଗୁରୁତ୍ୱ ଦେବାର ଆବ୍ୟକତା ରହିଛି। ଓଡିଆରେ ଏକ ଉକ୍ତି ଅଛି ଖା, ଭୁଞ୍ଜ୍ ଓ ଗିଳ୍। ଲୋକଙ୍କ ଠାରେ ତିନୋଟି ଶବ୍ଦର ପ୍ରୟୋଗ ତିନି ପ୍ରକାରର ପ୍ରତିକ୍ରିୟା ପରିଲକ୍ଷିତ ହୁଏ। ତେଣୁ କେଉଁ ସମୟରେ କେଉଁ ଶବ୍ଦ ପ୍ରୟୋଗ କରାଯିବ ସେଥିପ୍ରତି ସଚେତନ ହେବା ଦରକାର। ବିଶେଷ ଭାବରେ ଯେଉଁମାନେ ନିୟମ ପାଳନ କରେଇବା ଦାୟିତ୍ୱରେ ଅଛନ୍ତି ତଥା ବ୍ୟବସ୍ଥାରେ ଥିବା ଅଧିକାରୀମାନେ କଷ୍ଟ ହେଲେ ମଧ୍ୟ ଅସୀମ ଧୈର୍ଯ୍ୟ ରଖି ସାମାଜକୁ ବୁଝାଇବା କାମରେ ଲାଗିବାର ଆବଶ୍ୟକତା ରହିଛି। ବ୍ୟବସ୍ଥାରେ ଥିବା ଅଧିକାରୀ ମାନେ ଲୋକଙ୍କୁ ଏହପରି ଏକ କଠିନ ସମୟରେ ବୁଝାଇବା ସହ ପରାମର୍ଶ ଦେବା ଦରକାର। ଏହା ସେମାନଙ୍କ



ପାଇଁ ବଡ଼ ଦାୟିତ୍ୱ ହେବା ଦରକାର। କାରଣ ଥରେ ସମାଜରେ ଅବିଶ୍ୱାସ ଏବଂ ଅସନ୍ତୋଷର ବାତାବରଣ ତିଆରି ହେଲେ ମୂଳ କଥାକୁ ଭୁଲିଯିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ସେ କହିଛନ୍ତି । ଯେଉଁ ପର୍ଯ୍ୟନ୍ତ କରୋନା ଟୀକା ତିଆରି ହୋଇନାହିଁ ସେ ପର୍ଯ୍ୟନ୍ତ ଆମ ସମସ୍ତଙ୍କୁ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ଓ ସରକାରଙ୍କ ନିୟମକୁ ପାଳନ କରିବା ଦରକାର। ରାଜ୍ୟ ସରକାର ଖୋର୍ଦ୍ଧା, ଗଞ୍ଜାମ, କଟକ ଓ ଯାଜପୁର ଜିଲ୍ଲା ଏବଂ ସୁନ୍ଦରଗଡ଼ର ରାଉରକେଲା ମୁନିସିପାଲଟିରେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଲକ୍ ଡ଼ାଉନ୍ ➤ ପୃ-୬

## ବକ୍ରବାଣୀ



ନ କମିଲେ ପେଟ ଚାକିରୀ ଯିବ
ମାସକରେ କଣ ପେଟ କମିବ
ଇଲିସ୍ ଖାଇକି ବଢ଼ିଛି ପେଟ
ପେଟ ପାଇଁ କିଆ କରୁଚ ନାଟ
ତୁମେ ଇୟେ କି ନିୟମଟେ କଲ
ପେଟକୁ ଆମରି ନାତ ମାଇଲ
ଖାଇ ଖାଇ ପେଟ ବଢ଼ିଛି ଏତେ
ମାସ ଗୋଟାକରେ କମିବ କେତେ
ପେଟ ବଢ଼େଇଛୁ ଉପୁରି ଖାଇ
ପେଟ କମିଯିବ ହେଲକି ବାଇ।

—— ଟୁଟୁ


## ବଦଳି ନିୟମ ଲାଗୁ କରନ୍ତୁ ନୂଆ ଡିସିପି

**ଭୁବନେଶ୍ୱର :** କମିଶନରେଟ୍ ପୋଲିସରେ ଦକ୍ଷ ଅଧିକାରୀ ରହିଥିଲା ବେଳେ କନଷ୍ଟେବଲଙ୍କ ବଦଳି ନିୟମ କାହିଁକି ପାଳନ କରାଯାଉନାହିଁ ବୋଲି ପ୍ରଶ୍ନ ଉଠିଛି। ତେବେ ବର୍ତ୍ତମାନ ରାଜଧାନୀକୁ ଆସୁଛନ୍ତି ନୂଆ ଡିସିପି। ନୂଆ ଡିସିପି ଉମା ଶଙ୍କର ଦାଶ ଜଣେ ସଚ୍ଚୋଟ, କାର୍ଯ୍ୟଦକ୍ଷ ଏବଂ ନିରପେକ୍ଷ ପୋଲିସ ଅଫିସର ଭାବେ ବେଶ୍ ଜଣାଶୁଣା। ଚାକିରି ଜୀବନ ଆରମ୍ଭରୁ ଶ୍ରୀ ଦାଶ ଯେଉଁଠାରେ କାର୍ଯ୍ୟ କରିଛନ୍ତି ସେଠାରେ ଆଇନ୍ ଶୃଙ୍ଖଳା ବଜାୟ ରଖିବା ସହିତ ସାଧାରଣ ଲୋକଙ୍କୁ ଉତ୍ତମ ନ୍ୟାୟ ପ୍ରଦାନ କରିପାରିଛନ୍ତି। ତାଙ୍କ ସମୟରେ ଶ୍ରୀକ୍ଷେତ୍ରରେ ଭକ୍ତବିହୀନ ରଥଯାତ୍ରା ଯେଭଳି ଶୃଙ୍ଖଳାର ସହିତ ସମାପନ ହେଲା ତାହା ପ୍ରଶଂସାଯୋଗ୍ୟ। ତେଣୁ ତାଙ୍କ ଭଳି ଜଣେ ଦକ୍ଷ ପୋଲିସ ଅଫିସରଙ୍କ ସମୟରେ



ଭୁବନେଶ୍ୱର ଡିସିପି ଅଫିସରେ ହେଉଥିବା ଅନିୟମିତତା ସମ୍ପର୍କରେ ସେ ନିଶ୍ଚୟ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି। ଶାସନରେ ସ୍ୱଚ୍ଛତା ଆଣିବା ପାଇଁ ରାଜ୍ୟ ସରକାର ଯେଉଁ ୫-ଟି' ଓ ମୋ ସରକାର ଭଳି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ତାହାକୁ ପାଳନ କରିବା କ୍ଷେତ୍ରରେ ଡିସିପି କାର୍ଯ୍ୟାଳୟ ଖିଲାପ କରୁଥିବା ଅଭିଯୋଗ ହେଉଛି। ଅଭିଯୋଗ ଅନୁସାରେ ଏଠାରେ କାର୍ଯ୍ୟରତ କେତେକ କନଷ୍ଟେବଲ ଦୀର୍ଘବର୍ଷ ଧରି ଗୋଟିଏ ସ୍ଥାନରେ କାର୍ଯ୍ୟ କରୁଥିଲେ ବି ସେମାନଙ୍କର ବଦଳି କରାଯାଉନାହିଁ। ଯାହାକୁ ନେଇ ବିଭିନ୍ନ ସମୟରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ହେଲେ ସେହି ଡିସିପି ଅଫିସର କିଛି କର୍ମଚାରୀଙ୍କ ମନରେ ମଧ୍ୟ ଏହାକୁ ନେଇ ଅସନ୍ତୋଷ ରହିଥିଲେ ବି ବାହାରେ ଏହି ଘଟଣାକୁ କେହି ପ୍ରକାଶ କରିପାରୁନଥିବା ସୂଚନା ମିଳିଛି। ସୂଚନା ଅନୁସାରେ ଡିସିପି ୧୦୭, ୧୦୯ ଓ ୧୧୦ ସିଆରପିସି କୋର୍ଟରେ ଅରୁପ କୁମାର ଦାସ, ଲାଇସେନ୍ସିଂ ସେକ୍ସନରେ ରମେଶ ସାହୁ ଓ ବିବେକ ମଲ୍ଲିକ ଦୀର୍ଘବର୍ଷ ଧରି ଏଠାରେ ଗାଦି ମାଡିବସିଥିଲେ ବି ସେମାନଙ୍କୁ କେହି ବଦଳି କରୁନାହାନ୍ତି। ➤ ପୃ-୬

## ଅଗଷ୍ଟ ପ୍ରଥମ ସପ୍ତାହରେ ରାମ ମନ୍ଦିର ଶିଳାନ୍ୟାସ



**ନୂଆଦିଲ୍ଲୀ :** ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ପାଇଁ ଶନିବାର ରାମଜନ୍ମଭୂମି ତୀର୍ଥଟ୍ରଷ୍ଟ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଗଷ୍ଟ ପ୍ରଥମ ସପ୍ତାହରେ ରାମ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ତାରିଖ ଧାର୍ଯ୍ୟ କରାଯିବା ପରେ ରାମ ମନ୍ଦିରର ଶିଳାନ୍ୟାସ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅଗଷ୍ଟ ୩ ଅବା ୫ ତାରିଖ ମଧ୍ୟରୁ ଯେକୌଣସି ଗୋଟିଏ ତାରିଖ ଧାର୍ଯ୍ୟ କରିବାକୁ ଟ୍ରଷ୍ଟ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଚିଠି ଲେଖାଯାଇଛି। ଅଗଷ୍ଟ ୫ରେ ମୋଦୀ ଅଯୋଧ୍ୟା ଗସ୍ତ କରିପାରନ୍ତି ବୋଲି ତାଙ୍କର ନିକଟତମ ମହଲ ସୂତ୍ରରୁ ପ୍ରକାଶ। ଅବଶ୍ୟ ଅଦ୍ୟାବଧି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚୂଡ଼ାନ୍ତ ତାରିଖ ପ୍ରକାଶ ପାଇନି। ତେବେ ଶିଳାନ୍ୟାସ ଉତ୍ସବ ଦିନ ପ୍ରଧାନମନ୍ତ୍ରୀ ଅଯୋଧ୍ୟାରେ ୩/୪ ଘଣ୍ଟା ବିତାଇବାର ସମ୍ଭାବନା ଅଛି। କେନ୍ଦ୍ରମନ୍ତ୍ରୀ, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ଲୋକମାନେ ଶିଳାନ୍ୟାସ ଉତ୍ସବରେ ଯୋଗଦାନ କରିବାର ଅଛି। ➤ ପୃ-୬




## 'କାମ୍ପା ପାଣ୍ଠି ଖର୍ଚ୍ଚରେ ବ୍ୟାପକ ଦୁର୍ନୀତି'

**ଭୁବନେଶ୍ୱର :** ରାଜ୍ୟରେ କାମ୍ପା ପାଣ୍ଠି ଖର୍ଚ୍ଚରେ ବ୍ୟାପକ ଅନିୟମିତତା ହୋଇଛି ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ପାଙ୍ଗରି ଖର୍ଚ୍ଚ ସମ୍ପର୍କରେ ସରକାର ଅତିରଞ୍ଜିତ ଅସତ୍ୟ ତଥ୍ୟ ରଖି ହଜାର ହଜାର କୋଟି ଟଙ୍କା ଆତ୍ମସାତ କରିଥିବା ନେଇ ସେ ଅଭିଯୋଗ କରିଥିବା ବେଳେ ଏକ ନିରପେକ୍ଷ ଏବଂ ଦକ୍ଷ କମିଟି ଦ୍ୱାରା ଏହାର ତଦନ୍ତ କଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ସେ କହିଛନ୍ତି। ଶ୍ରୀ ପଟ୍ଟନାୟକ ଏକ ପ୍ରେସ ବାର୍ତ୍ତା ଦ୍ୱାରା ଅଭିଯୋଗ କରିଛନ୍ତି ଯେ ରାଜ୍ୟ ସରକାର ବିଭିନ୍ନ ଭାବରେ ଏହି ଅର୍ଥ ବିନିଯୋଗ କରୁଥିବା କଥା କହିଥିଲେ ମଧ୍ୟ ଜଙ୍ଗଲ ସୌନ୍ଦର୍ଯ୍ୟତା ଏବଂ ସ୍ୱାଣୁତା କ୍ଷୟ ପାଇବାରେ ଲାଗିଛି। ମାତ୍ର ଗତ ୨ବର୍ଷ ମଧ୍ୟରେ ରାଜ୍ୟରେ ନୂଆ ୮୮୫ କିଲୋମିଟର ଜଙ୍ଗଲ ସୃଷ୍ଟି ହୋଇଥିବା ନେଇ ବିଭାଗୀୟ ମନ୍ତ୍ରୀ ବିଧାନସଭାରେ କହିଛନ୍ତି। ସରକାର ତଥ୍ୟକୁ ଅତିରଞ୍ଜିତ କରି ହଜାର ହଜାର କୋଟି ଟଙ୍କା ଦୁର୍ନୀତି କରିଥିବା ସେ ଅଭିଯୋଗ କରିଛନ୍ତି। ଗତବର୍ଷ ସେପ୍ଟେମ୍ବର ମାସରେ କେନ୍ଦ୍ର ସରକାର ଓଡ଼ିଶାକୁ ୫୯୩୮.୯୮



କୋଟି ଟଙ୍କା କାମ୍ପା ପାଣ୍ଠିରେ ପ୍ରଦାନ କରିଥିଲେ। ମାତ୍ର ବର୍ତ୍ତମାନ ଏହି ପାଣ୍ଠିରେ ବ୍ୟାପକ ଅନିୟମିତତା ହୋଇଥିବା ନଜରକୁ ଆସିଲାଣି। ଏନେ ପ୍ରମାଣ ଦେବାକୁ ଯାଇ ସେ କହିଛନ୍ତି ଯେ ବାଣପୁର ଅଞ୍ଚଳର ସୁରେନ୍ଦ୍ର ଜେନାଙ୍କ ବ୍ୟାଙ୍କ ବହିକୁ ୧ ଲକ୍ଷ ୧୯ ହଜାର କୋଟି ଟଙ୍କା ଯାଇଥିବା ପରେ ତାହାକୁ ଉଠାଇ ଅଣାଗଲା। ସେହିପରି ପ୍ରଭାତ ପ୍ରଧାନ ନାମକ ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟରେ ୨ଲକ୍ଷ ୬୪ ହଜାର କୋଟି ଟଙ୍କା ଓ ମୁନା ମାର୍ଥା ନାମକ ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟରେ ୧ ଲକ୍ଷ ୧୯ ହଜାର ଟଙ୍କା ଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଟଙ୍କା ଉଠାଇ ଅଣାଯାଇଛି। ଏମାନେ କେହି ଦିନ ମଜୁରିଆ କିମ୍ବା ଲେବର କଣ୍ଟ୍ରାକ୍ଟର ନୁହନ୍ତି। ତାହେଲେ ଏମାନଙ୍କ ଆକାଉଣ୍ଟକୁ କିଏ ଟଙ୍କା ପଠାଇଲା ଏବଂ କାହିଁକି ଉଠାଇନେଲା ବୋଲି ନିରଞ୍ଜନ ପ୍ରଶ୍ନ କରିଛନ୍ତି। କାମ୍ପା ପାଙ୍ଗରିର ୫ ହଜାର କୋଟି ଟଙ୍କା ଏହିପରି ବେନାମୀ କାରବାର ହୋଇ ବିଭାଗୀୟ ଅଫିସର ଏବଂ ମନ୍ତ୍ରୀଙ୍କ ମଧ୍ୟରେ ବଣ୍ଟାକୁଣ୍ଟା ହେଉଛି। ସବୁଠାରୁ ଦୁଃଖ ବିଷୟ ଏହିକି ଯେ କରୋନା ପରି ମହାମାରୀ ସମୟରେ ମୂଲିଆ ମଜଦୁରଙ୍କ ପେଟକାଟି ନେବାର ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଲାଣି। ଜଣପ୍ରତି ମଜୁରୀ ବାବଦରେ ସେମାନଙ୍କୁ ଦିନକୁ ୨୯୮ ଟଙ୍କା ମିଳୁଥିବା ବେଳେ ଏଥିରୁ ଅଧା ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** — ସମାଜ ସେବାରେ ଲୋକଙ୍କ ପ୍ରିୟଭାଜନ ହେବେ। କର୍ମକ୍ଷେତ୍ରରେ ଆପଣଙ୍କୁ ଅପମାନିତ ହେବାକୁ ପଡିପାରେ। ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ନିମନ୍ତେ ବିଦେଶ ଯାତ୍ରା କରିବେ। ନୂତନ ବ୍ୟବସାୟ ସହ ମନୋମାଳିନ୍ୟ ହୋଇପାରେ।

**ବୃଷ** — ପରିବାରରେ ଏକତା ଓ ମାନସିକ ଶାନ୍ତି ବଜାୟ ରହିବ। ଦାମ୍ପତ୍ୟ ଜୀବନରେ ସୁଖ ଭରିଯିବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ସଫଳତା ଅର୍ଜନ କରିବେ। ଜମିଜମା ବିବାଦର ଶୁଭଫଳ ପାଇବେ। ବ୍ୟବସାୟୀମାନେ ଅଧିକ ଲାଭବାନ୍ ହେବେ।

**ମିଥୁନ** — କାର୍ଯ୍ୟକ୍ଷେତ୍ରରେ ତଳିଆ କର୍ମଚାରୀଙ୍କ ସହ ବିବାଦ ଉପୁଜିପାରେ। ପରିବାରରେ ଅଶାନ୍ତି ଦେଖାଦେବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ବିଫଳ ହୋଇପାରନ୍ତି। ରାଜନୈତିକ ବ୍ୟକ୍ତିମାନେ ଶୁଭଫଳ ପାଇବେ।

**କର୍କଟ** — କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ସମ୍ଭାବନା ରହିଛି। ଶାରୀରିକ ସୁସ୍ଥତା ଅନୁଭବ କରିବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ଅର୍ଥନୈତିକ ପରିସ୍ଥିତି ସୁଧୁରିବ। ଜମିଜମା ବିବାଦ ଲାଗିରହିବ।

**ସିଂହ** — କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ। ଧନପ୍ରାପ୍ତିର ସୁଯୋଗ ଆସିପାରେ। ନୂଆ ଗାଡି କିଣିବା ପାଇଁ ମନ ବଳିବ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ ଉନ୍ନତି ହେବ।

**କନ୍ୟା** — ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ବଦଳି ହୋଇପାରେ। ଗୃହରେ ମହିଳାଙ୍କ ସ୍ୱାସ୍ଥ୍ୟ ପ୍ରତି ସତର୍କ ରୁହନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ଶୁଭଫଳ ପାଇବେ।

**ତୁଳା** — ଆର୍ଥିକ ସ୍ୱଚ୍ଛତା ଦେଖାଦେବ। ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଅଧିକ ନମ୍ବର ରଖି ପାସ୍ କରିବେ। ଦୀର୍ଘ ଦିନରୁ ଲାଗିରହିଥିବା ବିବାଦ ଲାଗି ରହିବ। ରାଜନୈତିକ ବ୍ୟକ୍ତିଙ୍କର ଭାଗ୍ୟ ଉଜ୍ଜ୍ୱଳ ରହିବ।


**ବିଛା** — ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ ହେବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ମଧ୍ୟ କୃତିତ୍ୱ ଅର୍ଜନ କରିବେ। ପରିବାର ସହିତ ଧାର୍ମିକ କାର୍ଯ୍ୟକ୍ରମକୁ ଯାଇପାରନ୍ତି। ଗୃହରେ ଶାନ୍ତି ବଜାୟ ରହିବ।

**ଧନୁ** — ଧାର୍ମିକ ଓ ଆଧାତ୍ମିକ ସମ୍ବନ୍ଧରେ ରୁଚି ବୃଦ୍ଧି ହେବ। ନୂତନ କର୍ମରେ ଯୋଗ ଦେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ଉପୁଜିପାରେ। ରାଜନୀତିରେ ବିପଦ ବଢ଼ିବ। ବ୍ୟବସାୟରେ ଶୁଭଫଳ ପାଇବେ।

**ମକର** — ଆର୍ଥିକ ସଙ୍କଟ ଦୂର ହେବ। ନୂତନ କର୍ମରେ ଯୋଗଦାନ କରିବେ। ସାମାଜିକ କାର୍ଯ୍ୟରେ ନିନ୍ଦା ସହିବାକୁ ପଡିବ। ଲାଗି ରହିଥିବା ବିବାଦର ସମାଧାନ ହେବ। ବ୍ୟବସାୟୀମାନେ ଲାଭବାନ୍ ହେବେ।

**କୁମ୍ଭ** — ନୂତନ ବନ୍ଧୁଙ୍କଠାରୁ ଆର୍ଥିକ ସାହାଯ୍ୟ ମିଳିପାରେ। ବିଦେଶରୁ ଚାକିରୀର ସନ୍ଧାନ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ରହିବେ। ଦର୍ଶନୀୟ ସ୍ଥାନ ଭ୍ରମଣର ସୁଯୋଗ ଆସିବ।

**ମୀନ** — ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବିବାଦ ଘଟିପାରେ। ଆର୍ଥିକ ଚିନ୍ତା ଲାଗିରହିବ। ଗୃହ ନିର୍ମାଣର ସମୟ ଆସିବ। ରାଜନୈତିକ ବ୍ୟକ୍ତିମାନେ ଅପମାନିତ ହେବେ।




ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

### ଇସିଓଏସଓସିର ଉଚ୍ଚସ୍ତରୀୟ ଅଧିବେଶନରେ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ

# ‘କରୋନା ମୁକାବିଲାକୁ ଜନଆନ୍ଦୋଳନ କରିଛୁ’

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ନ୍ୟୁୟର୍କସ୍ଥିତ ମିଳିତ ଜାତିସଂଘ ଠାରେ ଅନୁଷ୍ଠିତ ମିଳିତ ଜାତିସଂଘ ଅର୍ଥନୈତିକ ଏବଂ ସାମାଜିକ ପରିଷଦ (ଇସିଓଏସଓସି)ର ଏକ ଉଚ୍ଚସ୍ତରୀୟ ଭର୍ଚୁଆଲ ଅଧିବେଶନରେ ଉଦଘାଟନୀ ବକ୍ତବ୍ୟ ଦେଇଛନ୍ତି। ଗତ ୧୭ ଜୁନରେ ୨୦୨୧-୨୨ ଅବଧି ଲାଗି ଭାରତ ମିଳିତ ଜାତିସଂଘ ସୁରକ୍ଷା ପରିଷଦର ଅ-ସ୍ଥାୟୀ ସଦସ୍ୟ ଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ ହେବା ପରେ ପ୍ରଥମ ଥର ପାଇଁ ବହୁସଂଖ୍ୟକ ମିଳିତ ଜାତିସଂଘ ସଦସ୍ୟମାନଙ୍କୁ ପ୍ରଧାନମନ୍ତ୍ରୀ ଉଦବୋଧନ ଦେଇଛନ୍ତି। ଚଳିତ ବର୍ଷ ଇସିଓଏସଓସିର ଉଚ୍ଚସ୍ତରୀୟ ଅଧିବେଶନର ବିଷୟବସ୍ତୁ ରଖାଯାଇଛି, “କୋଭିଡ-୧୯ ପରେ ବହୁପକ୍ଷବାଦ : ୭୫ତମ ବର୍ଷ ପୂର୍ତ୍ତି ଅବସରରେ ଆମକୁ କିଭଳି ମିଳିତ ଜାତିସଂଘର ଆବଶ୍ୟକତା ରହିଛି”। ମିଳିତ ଜାତିସଂଘ ପ୍ରତିଷ୍ଠାର ୭୫ତମ ବର୍ଷ ପୂର୍ତ୍ତି ଅବସରରେ, ଏହି ବିଷୟବସ୍ତୁ ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ପରବର୍ତ୍ତୀ ସଦସ୍ୟତା ଲାଗି ଭାରତର ପ୍ରାଥମିକତାକୁ ପ୍ରତିଫଳିତ କରୁଛି। କୋଭିଡ-୧୯ ପରବର୍ତ୍ତୀ ବିଶ୍ୱରେ ‘ସଂସ୍କାରିତ ବହୁପକ୍ଷବାଦ’ ପାଇଁ ଭାରତର ଆହ୍ୱାନକୁ ପ୍ରଧାନମନ୍ତ୍ରୀ ଦୋହରାଇଥିଲେ, ଯାହାକି ସମସାମୟିକ ବିଶ୍ୱର ବାସ୍ତବତାକୁ ପ୍ରତିଫଳିତ କରୁଥିବ। ନିଜର ଉଦବୋଧନରେ ପ୍ରଧାନମନ୍ତ୍ରୀ ଇସିଓଏସଓସି, ମିଳିତ ଜାତିସଂଘର ବିକାଶମୂଳକ କାର୍ଯ୍ୟ ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି)ରେ ଭାରତର ଦୀର୍ଘ ସହଭାଗିତା ବିଷୟରେ ଉଲ୍ଲେଖ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ‘ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ’ ପାଇଁ ଭାରତର ସଂକଳ୍ପ ସାମଗ୍ରିକ ବିକାଶ ନିମନ୍ତେ ମିଳିତ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟକୁ



ପ୍ରତିଫଳିତ କରୁଛି। ପ୍ରଧାନମନ୍ତ୍ରୀ ଆଲୋକପାତ କରି କହିଥିଲେ ଯେ ଭାରତ ନିଜର ବିପୁଳ ଜନସଂଖ୍ୟାର ସାମାଜିକ-ଅର୍ଥନୈତିକ ସୂଚକାଙ୍କରେ ସୁଧାର ଆଣିବାରେ ସଫଳତା ହାସଲ କରିଛି ଯାହା ଏସଡିଜିର ବୈଶ୍ୱିକ ଲକ୍ଷ୍ୟ ପ୍ରତି ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଛି। ଏସଡିଜି ଲକ୍ଷ୍ୟ ହାସଲ ଲାଗି ଅନ୍ୟ ବିକାଶଶୀଳ ରାଷ୍ଟ୍ରଗୁଡ଼ିକୁ ସହାୟତା କରିବା ଲାଗି ଭାରତର ପ୍ରତିବଦ୍ଧତା ପ୍ରଧାନମନ୍ତ୍ରୀ ଦୋହରାଇଥିଲେ। ସ୍ୱଚ୍ଛତାରେ ସୁଧାର ଆଣିବା ଲାଗି ‘ସ୍ୱଚ୍ଛ ଭାରତ ଅଭିଯାନ’, ମହିଳା ସଶକ୍ତିକରଣ, ଆର୍ଥିକ ସମାବେଶୀକରଣ, ଏବଂ “ସମସ୍ତଙ୍କ ପାଇଁ ଆବାସ” ଓ “ଆୟୁଷ୍ମାନ ଭାରତ” ଭଳି ପ୍ରମୁଖ ଯୋଜନା ଜରିଆରେ ଆବାସ ନିର୍ମାଣ ଓ ସ୍ୱାସ୍ଥ୍ୟସେବା ସୁଧାର ନିମନ୍ତେ ଭାରତ ପଦକ୍ଷେପ ଗ୍ରହଣ କରିବା ଜାରି ରଖିଛି ବୋଲି ସେ କହିଥିଲେ। ପରିବେଶ ସ୍ଥିରତା ଓ ଜୈବ ବିବିଧତାର ସଂରକ୍ଷଣ ଉପରେ ଭାରତ ଜୋର ଦେଉଥିବା ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିବା ସହିତ ଅନ୍ତର୍ଜାତୀୟ ସୌର ମେଣ୍ଟ ଏବଂ ବିପର୍ଯ୍ୟୟ ପ୍ରଶମନ ଭିତିଭୂମି ମେଣ୍ଟ ଗଠନରେ ଭାରତର ଅଗ୍ରଣୀ ଭୂମିକା ବିଷୟରେ କହିଥିଲେ। କ୍ଷେତ୍ରୀୟ ସ୍ତରରେ ଭାରତ ସବୁବେଳେ ଅଗ୍ରଣୀ ଭୂମିକା ନିର୍ବାହ କରିଛି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ। ଭାରତ ସରକାର ଏବଂ ବିଭିନ୍ନ ଭାରତୀୟ ଔଷଧ କମ୍ପାନୀଗୁଡ଼ିକ ଅନ୍ୟ ଦେଶଗୁଡ଼ିକୁ ଔଷଧ ଯୋଗାଣ ସୁନିଶ୍ଚିତ କରିଛନ୍ତି। ସାର୍କ ଦେଶଗୁଡ଼ିକ ମଧ୍ୟରେ ଏକ ମିଳିତ ମୁକାବିଲା ରଣନୀତି ପ୍ରତିଷ୍ଠା କ୍ଷେତ୍ରରେ ଭାରତ ସମନ୍ୱୟ ରକ୍ଷା କରିଛି। ଦ୍ୱିତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଇସିଓଏସଓସିରେ ଉଦବୋଧନ ଦେଇଛନ୍ତି। ଏଥିପୂର୍ବରୁ ୨୦୧୬ ଜାନୁଆରୀ ମାସରେ ଇସିଓଏସଓସିର ୭୦ ବର୍ଷ ପୂର୍ତ୍ତି ସମାରୋହରେ ପ୍ରଧାନମନ୍ତ୍ରୀ ଉଦଘାଟନୀ ଅଭିଭାଷଣ ରଖିଥିଲେ।

## ସେପ୍ଟେମ୍ବରର ସୁଦ୍ଧା ବଜାରକୁ ଆସିବ କରୋନା ଟୀକା !

**ୱାଶିଂଟନ :** ମହାମାରୀ କରୋନା କବଳରେ ପଡି କଲବଲ ହେଉଥିବା ସମଗ୍ର ବିଶ୍ୱକୁ ଆଶ୍ୱସ୍ତ କରିବା ଭଳି ଖବର ଆସିଛି। ଆସନ୍ତା ସେପ୍ଟେମ୍ବର ସୁଦ୍ଧା କରୋନାକୁ ମାତ ଦେଇପାରୁଥିବା ଟୀକା ବଜାରକୁ ପ୍ରବେଶ କରିବାର ଯଥେଷ୍ଟ ସମ୍ଭାବନା ସୃଷ୍ଟି ହୋଇଛି। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ଫୁଲ ଦମରେ କରୋନା ଟୀକା ବାହାର କରିବା ପାଇଁ ଉଦ୍ୟମ ଚାଲିଛି। ସଂଗଠନ ପକ୍ଷରୁ ବାହାର କରାଯାଇଥିବା ଟୀକାର ଫେଜ-୩ ଟ୍ରାଏଲ୍ ଆରମ୍ଭ ହୋଇଛି। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଟ୍ରାଏଲ ସଫଳତାର ସହ ଶେଷ ହୋଇଥିବା ଜଣାପଡିଛି। ତୃତୀୟ ଟ୍ରାଏଲ ସଫଳତାର ସହ ଶେଷ ହୋଇଗଲେ ବିଶ୍ୱରେ ପ୍ରଥମଥର କରୋନାକୁ ମାତ ଦେଇପାରୁଥିବା ଟୀକାର ବଜାର ପ୍ରବେଶ ହୋଇପାରିବ। ଏହାପୂର୍ବରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଂନ ମଧ୍ୟ ଅକ୍ସଫୋର୍ଡ ଚଳାଇଥିବା ଗବେଷଣା ଖୁବ୍‌ଶୀଘ୍ର କରୋନାକୁ ମାତ୍ ଦେଇପାରୁଥିବା ଟୀକା ବାହାର କରିବାକୁ ସକ୍ଷମ ହେବ ବୋଲି କହିଥିଲା। ଏବେ ବେର୍କଶ୍ରୀ ରିସର୍ଚ ଏଥିକ୍ସ



କମିଟିର ଅଧ୍ୟକ୍ଷ ଡାଭିଡ କାରପେଣ୍ଟର କହିଛନ୍ତି, ଅକ୍ସଫୋର୍ଡ ବାହାର କରିଥିବା କରୋନା ଟୀକାର ଟ୍ରାଏଲ୍ ଟିମ୍ ଉପଯୁକ୍ତ ଟ୍ରାକରେ ଚାଲିଛି। ଆମର ଆଶା ସେପ୍ଟେମ୍ବର ପ୍ରଥମ ସପ୍ତାହରେ ହିଁ କରୋନାକୁ ମାତ ଦେଇପାରୁଥିବା ଟୀକା ବଜାରକୁ ଆସିବ। ସୋମବାର ଦିନ ଦି ଲାନସେଟ୍ ପକ୍ଷରୁ ଅକ୍ସଫୋର୍ଡ କରିଥିବା ହ୍ୟୁମାନ ଟ୍ରାଏଲର ତଥ୍ୟ ପ୍ରକାଶ କରାଯିବ ବୋଲି ଜଣାପଡିଛି। ଡାଭିଡ କହିଛନ୍ତି, ଫାଇନାଲ ତାରିଖ କେହି ବି କହିପାରିବେ ନାହିଁ। ହେଲେ ଗୋଟିଏ ବଡ ଫାର୍ମା କମ୍ପାନୀ ସହ ମିଳିତ ଭାବେ କାନୋ ଟୀକାର ଟ୍ରାଏଲ କରାଯାଉଛି। ତେଣୁ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ହିଁ କରୋନା ଟୀକାର ଅଧିକାଂଶ ସ୍ଥାନରେ ପହଞ୍ଚି ପାରିବେ। ବିଶ୍ୱବିଦ୍ୟାଳୟର ଜେନିର ଇନ୍‌ଷ୍ଟିଚ୍ୟୁଟ୍ ଏହି ଟୀକାର ପରୀକ୍ଷଣ କରୁଛି। ଏହାକୁ ବ୍ରିଟେନ ଓ ଆଷ୍ଟ୍ରା ଜେନସେନା ପୂର୍ଣ୍ଣ ସମର୍ଥନ ଯୋଗାଇ ଦେଉଛନ୍ତି। ପରୀକ୍ଷା ଶେଷ ହେବା ପରେ ଆଷ୍ଟ୍ରା ଜେନସେନା ହିଁ ଏହାର ଉତ୍ପାଦନ କରିବ। ଏହାକୁ ଏଥିପାଇଁ ଲାଇସେନ୍ସ ଦିଆଯାଇଛି। ଟୀକାର ହ୍ୟୁମାନ୍ ଟ୍ରାଏଲ ବେଳେ ବ୍ରିଟେନର କିଛି ସାମାଜିକ କର୍ମୀଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ଏହାପରେ ସେମାନଙ୍କୁ ପ୍ରସ୍ତୁତ ଟୀକାର ଡୋଜ୍ ଦିଆଯାଇଥିଲା। ଟୀକା ନେବା ପରେ ସେମାନଙ୍କ ଶରୀରରେ ଆଣ୍ଟିବଡି ଓ ଟି-ସେଲ କିଲର ଭଳି ନୂତନ ସମ୍ଭାବନା ଦେଖିବାକୁ ମିଳିଥିଲା। ଏବେ ଏହାର ଆଉ ଅଳ୍ପ କିଛି ପରୀକ୍ଷା ବାକି ରହିଛି। ପରୀକ୍ଷା ଶେଷ ହୋଇଗଲେ, ଏହାକୁ ବଜାର ପ୍ରବେଶ ପାଇଁ ଅନୁମତି ମିଳିବ ବୋଲି ସେ କହିଛନ୍ତି।

## ସେନାକୁ ଜରୁରୀକାଳୀନ ଆର୍ଥିକ କ୍ଷମତା



**ନୂଆଦିଲ୍ଲୀ :** ଲଦାଖରୁ ଚୀନ୍ ସେନା ପଛକୁ ହଟିଥିଲେ ମଧ୍ୟ ଯେକୌଣସି ସମୟରେ ପୁଣି ଥରେ ଉତ୍ତେଜନା ସୃଷ୍ଟି କରିବାର ଆଶଙ୍କା କରୁଛି ଭାରତ। ଆହୁରି ମଧ୍ୟ ପଶ୍ଚିମ ପଟେ ଥିବା ପାକିସ୍ତାନ ପଟୁ ବରାବର ବିପଦ ଲାଗି ରହିଛି। ଏ ପରିସ୍ଥିତିରେ ଆଜି ବସିଥିବା ପ୍ରତିରକ୍ଷା ଖରିଦ ପରିଷଦ (ଡିଏସି)ର ବୈଠକରେ ସରକାର କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ଅନୁସାରେ ସେନାକୁ ୩୦୦ କୋଟି ଟଙ୍କାର ଅତିରିକ୍ତ ଆର୍ଥିକ କ୍ଷମତା ପ୍ରଦାନ କରାଯାଇଛି। ଏହି କ୍ଷମତାର ଉପଯୋଗ କରି ସେନା ନିଜର ଆବଶ୍ୟକତାମତେ ସାମଗ୍ରୀ ଖରିଦ କରିପାରିବ ଓ ଏଥିପାଇଁ ସରକାରଙ୍କ ଅନୁମତି ଆବଶ୍ୟକ ହେବନାହିଁ। କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିଥିଲା। ଏହି ବୈଠକ ପରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଜରୁରୀକାଳୀନ ଆବଶ୍ୟକତା ମେଣ୍ଟାଇବାକୁ ସେନାକୁ ଏହି ଅଧିକାର ପ୍ରଦାନ କରାଯାଇଛି। ଏହା ଫଳରେ ସେନା ଦ୍ୱାରା ଜରୁରୀ ହାତହତିଆର ଓ ସାମଗ୍ରୀ କମ ସମୟରେ କିଣାଯାଇପାରିବ।

## ଖାଦ୍ୟ ମୁଦ୍ରାସ୍ଫୀତି ୭.୮୭%କୁ ବୃଦ୍ଧି

**ମୁମ୍ବାଇ :** ଦେଶର ଅର୍ଥନୀତି ଉପରେ ପ୍ରଚଣ୍ଡ ପ୍ରହାର ଦେଇଛି କରୋନା। କରୋନା ମାଡରେ ଦେଶର ଅର୍ଥନୀତି ବିପର୍ଯ୍ୟସ୍ତ ହୋଇପଡିଛି। ଖାଦ୍ୟ ମୁଦ୍ରାସ୍ଫୀତି ୭.୮୭%କୁ ବୃଦ୍ଧି ପାଇଛି।

### କରୋନା ମାଡ

ଭାରତୀୟ ରିଜର୍ଭ ବ୍ୟାଙ୍କ ଓ କେନ୍ଦ୍ର ସରକାରଙ୍କ ସମସ୍ତ ଉଦାରବାଦୀ ପଦକ୍ଷେପ ସତ୍ତ୍ୱେ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ହୋଇପାରୁନାହିଁ। ବାର୍ଷିକ ଖୁଚୁରା ମୁଦ୍ରାସ୍ଫୀତି ମାର୍ଚ୍ଚ-ଜୁନ୍ ତ୍ରୟମାସିକରେ ୬.୦୯%କୁ ବୃଦ୍ଧି ପାଇଛି। ଏହି ସ୍ଥିତିରେ ଆରବିଆଇ ନିକଟରେ ଏବେ ବି ଚାହିଦା ପରିଚାଳନା ନିମନ୍ତେ ଶକ୍ତି ରହିଛି ଏବଂ ଆମେ ବୋଧହୁଏ ସମୟ ପ୍ରତି ଅଧିକ ସତର୍କ ରହିବାକୁ ଚାହୁଁଛୁ ବୋଲି କହିଛନ୍ତି ଡାଲଟନ ନିବେଶର



ପୋର୍ଟଫୋଲିଓ ମ୍ୟାନେଜର ଭେଙ୍କଟ ପାସୁପୁଲେଟି। ଲକଡାଉନ୍ ପରିସ୍ଥିତି ଆହୁରି ସହଜ ହେବା ପରେ ଜିନିଷ ଗୁଡିକ କିପରି ବଜାରରେ ଚାହିଦା ବଢ଼ାଇଛି ତାହା ଦେଖିବା ପାଇଁ ବୋଧହୁଏ ସେମାନେ ଅପେକ୍ଷା କରିବା ଉଚିତ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଆରବିଆଇର ବାଧ୍ୟତାମୂଳକ ୨%-୪% ଟାର୍ଗେଟ ପରିସରଠାରୁ ଖୁଚୁରା ମୁଦ୍ରାସ୍ଫୀତି ହାରରେ ବୃଦ୍ଧି ଘଟିଛି ବୋଲି ବିଶ୍ଳେଷକମାନେ କହିଛନ୍ତି। ଉଭୟ ଗ୍ରାହକ ଏବଂ ହୋଲସେଲ ମୂଲ୍ୟରେ ବୃଦ୍ଧି ଏହିଠାରୁ ସାମଗ୍ରୀକ ଫ୍ରଣ୍ଟ ଲୋଡ୍ ନୀତି ସମର୍ଥନ ପାଇଁ ଉତ୍ସାହର କାରଣ ହୋଇପାରେ ବୋଲି ମତ ଦେଇଛନ୍ତି ବାରକଲେସର ଅର୍ଥନୀତିଜ୍ଞ ରାହୁଲ ବାଜୋରିଆ। ସେ କହିଛନ୍ତି ଆରବିଆଇ ଏହାର ମୂଳ ଆଭିମୁଖ୍ୟରୁ ଦୂରେଇ ଯାଇପାରିବ ନାହିଁ କିମ୍ବା ହାର ହ୍ରାସ ଚକ୍ରକୁ ଏପର୍ଯ୍ୟନ୍ତ ବନ୍ଦ କରିପାରିବ ନାହିଁ ପ୍ରାୟ ସମସ୍ତ ଅର୍ଥନୀତିଜ୍ଞ ସହମତ ହୋଇଛନ୍ତି। ମାର୍ଚ୍ଚ-ଜୁନ ତ୍ରୟମାସିକରେ ଭାରତର ଅର୍ଥନୀତି ୩.୧% ବୃଦ୍ଧି ପାଇଛି। ନିକଟରେ ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଥିଲେ ଯେ, ଆତ୍ମବିଶ୍ୱାସ ଫେରାଇବା, ଆର୍ଥିକ ସ୍ଥିରତା ରକ୍ଷା କରିବା, ଅଭିବୃଦ୍ଧିକୁ ପୁନର୍ଜୀବିତ କରିବା ଏବଂ ଅଧିକ ଶକ୍ତିଶାଳୀ ହେବା ପାଇଁ ଘଣ୍ଟାର ଆବଶ୍ୟକତା ହେଉଛି, ମୁଦ୍ରାସ୍ଫୀତି ଚିନ୍ତାଧାରା ଖୁବ୍‌ଶୀଘ୍ର ହାରର ଅବନତି ଘଟାଇବାର ସମ୍ଭାବନା ନାହିଁ।


## ପାକିସ୍ତାନର ଜଳଭଣ୍ଡାର ନିର୍ମାଣକୁ ଭାରତର ବିରୋଧ

**ନୂଆଦିଲ୍ଲୀ :** ପାକ୍ ଅଧିକୃତ କଶ୍ମୀରର ଗିଲଗିଟ୍ ବାଲ୍ଟିସ୍ତାନ ଅନ୍ତର୍ଗତ ଚିଲାସ ନିକଟରେ ପ୍ରବାହିତ ସିନ୍ଧୁନଦୀରେ ଏକ ଜଳଭଣ୍ଡାର (ଡିଆମେର ବାସା) ନିର୍ମାଣ କରିବା ପାଇଁ ପାକ୍ ସରକାର ନିଷ୍ପତ୍ତି ନେଇଥିବାରୁ ଭାରତ ତା’ର ପ୍ରତିବାଦ କରିଛି। ଭାରତ ଅଭିଯୋଗ କରି କହିଛି ଯେ ସିନ୍ଧୁନଦୀରେ ଜଳଭଣ୍ଡାର ନିର୍ମାଣ କରାଯିବା ଫଳରେ ଜମ୍ମୁ-କଶ୍ମୀର ଓ ଲଦାଖର ବହୁ ଅଞ୍ଚଳ ବୁଡ଼ିଯିବାର ସମ୍ଭାବନା ରହିଛି। ଭାରତର ବୈଦେଶିକ ବ୍ୟାପାର ପ୍ରବକ୍ତା ଅନୁରାଗ ଶ୍ରୀବାସ୍ତବ ପାକିସ୍ତାନର ବେଆଇନ ଜଳଭଣ୍ଡାର ନିଷ୍ପତ୍ତିକୁ ଉଦ୍ଦେଶ୍ୟମୂଳକ କହି ସମାଲୋଚନା କରିଛନ୍ତି। ଶ୍ରୀବାସ୍ତବ କହିଛନ୍ତି, ଭାରତର ଭୌଗୋଳିକ ଅଞ୍ଚଳକୁ କ୍ଷତିରେ ପକାଇବା ଭଳି ପ୍ରକଳ୍ପ ବିରୋଧରେ ଆମେ ଉଭୟ ପାକିସ୍ତାନ ଓ ଚୀନକୁ କ୍ରମାଗତ ଭାବେ ଜଣାଇ ଆସୁଛୁ। ବୁଧବାର ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ସିନ୍ଧୁନଦୀରେ ଜଳଭଣ୍ଡାର ନିର୍ମାଣ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ଜଳଭଣ୍ଡାର ପ୍ରକଳ୍ପ ପାଇଁ ଚୀନ ପୁଞ୍ଜିନିବେଶ କରିବାକୁ ରାଜି ହୋଇଛି। ପ୍ରସ୍ତାବିତ ପ୍ରକଳ୍ପଟି ପାକିସ୍ତାନର ତୃତୀୟ ବୃହତ୍ ଜଳବିଦ୍ୟୁତ ଉତ୍ପାଦନ କେନ୍ଦ୍ର ପାଲଟିବ। ପାକ୍ ପ୍ରଧାନମନ୍ତ୍ରୀ ଖାନଙ୍କ ସୂଚନା ମୁତାବକ ୨୦୨୮ ସୁଦ୍ଧା ଜଳଭଣ୍ଡାର ନିର୍ମାଣ କାର୍ଯ୍ୟ ସରିବା ସମ୍ଭାବନା ଅଛି। ଏହି ଜଳଭଣ୍ଡାରରୁ ୪,୫୦୦ ମେଗାୱାଟ୍ ବିଦ୍ୟୁତ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖାଯାଇଛି। କେବଳ ସେତିକି ନୁହେଁ, ଏହି ପ୍ରକଳ୍ପରେ ଅନ୍ୟୁନ ୧୬ ହଜାର ଲୋକଙ୍କୁ କର୍ମନିଯୁକ୍ତି ମିଳିପାରିବ। ଏହି ଜଳପ୍ରକଳ୍ପ ନିର୍ମାଣ ପାଇଁ ଚୀନ ୪୪୨ କୋଟି ଟଙ୍କା ବିନିଯୋଗ କରିବ। ଏହି ପ୍ରକଳ୍ପ ନିର୍ମାଣ ପାଇଁ ଏସିଆନ୍ ଡେଭଲେପମେଣ୍ଟ ବ୍ୟାଙ୍କ (ଏଡିବି) ପାଣ୍ଠି ଯୋଗାଇବାକୁ ମନା କରି ଦେଇଥିଲା। ଏପରିକି ବିଶ୍ୱବ୍ୟାଙ୍କ ମଧ୍ୟ ଏହି ପ୍ରକଳ୍ପ ପାଇଁ ପାକିସ୍ତାନଠାରୁ ଭାରତ ସରକାରଙ୍କ ‘ନୋ ଅବଜେକ୍ସ ସାର୍ଟିଫିକେଟ୍’ ଲୋଡ଼ିଥିଲା। ପାକିସ୍ତାନ ବିଶ୍ୱବ୍ୟାଙ୍କ ସର୍ତ୍ତରେ ରାଜି ହୋଇନଥିଲା।


### ମା’ ହେବାକୁ କମୁଛି ଆଗ୍ରହ

## ହ୍ରାସ ପାଇବ ବିଶ୍ୱ ଜନସଂଖ୍ୟା !

**ୱାଶିଂଟନ :** ଅଧିକ ପିଲା ଜନ୍ମ କରିବାକୁ ମା’ମାନେ ଆଉ ଆଗ୍ରହ ପ୍ରକାଶ କରୁନାହାନ୍ତି। ତେଣୁ ମା’ ମାନଙ୍କର ପିଲା ଜନ୍ମ କରିବାର ହାର କମୁଛି। ଏହାର ପ୍ରଭାବ ଜନସଂଖ୍ୟା ଉପରେ ପଡୁଛି। ମା’ମାନେ ଅଧିକ ପିଲା ଜନ୍ମ କରୁ ନଥିବାରୁ ଶତାବ୍ଦୀ ଶେଷ ବେଳକୁ ବିଶ୍ୱର ଜନସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଇବ ବୋଲି ଆକଳନ କରାଯାଉଛି। ବିଶେଷ କରି ସ୍ପେନ ଓ ଜାପାନ ଭଳି ୨୩ଟି ଦେଶର ଜନସଂଖ୍ୟା ୨୧୦୦ ମସିହା ବେଳକୁ ଅଧା ହୋଇଯିବ ବୋଲି ଆଶଙ୍କା ରହିଛି। ଏହାର କାରଣ ହେଉଛି ଅଧିକାଂଶ ମହିଳା ଏବେ ମା’ ହେବାକୁ ଆଉ ଆଗ୍ରହ ପ୍ରକାଶ କରୁନାହାନ୍ତି। ୧୯୫୦ରେ ଜଣେ ମହିଳାଙ୍କର ହାରାହାରି ପିଲାଙ୍କ ସଂଖ୍ୟା ୪.୭ ରହିଥିଲା। ଏବକୁ ଏହା ଯଥେଷ୍ଟ କମି ଗଲାଣି। ଏହି ସଂଖ୍ୟା ହାରାହାରି ୨.୧କୁ କମିଗଲା ବିଶ୍ୱ ଜନସଂଖ୍ୟା ନିମ୍ନଗାମୀ ହେବା ଆରମ୍ଭ କରିବ। ୱାଶିଂଟନ ଇନଷ୍ଟିଚ୍ୟୁଟ୍ ଫର ହେଲଥ ମେଟ୍ରିକ୍ସ ଓ ଇଭାଲ୍ୟୁସେନର ସର୍ଭେ ରିପୋର୍ଟ ଅନୁଯାୟୀ, ୨୦୧୭ରେ ପ୍ରତି ମା’ ହାରାହାରି ୨.୪ ପିଲା ଜନ୍ମ କରୁଥିଲେ। ୨୧୦୦ ମସିହା ବେଳକୁ ଏହି ହାର ୧.୭ ହୋଇଯିବ। ୨୦୬୪ ବେଳକୁ ବିଶ୍ୱର ଜନସଂଖ୍ୟା ୯୭୦ କୋଟି ହେବ ବୋଲି ଆକଳନ କରାଯାଉଥିବା ବେଳେ ଶତାବ୍ଦୀ ଶେଷ ବେଳକୁ ଏହା ୮୮୦ କୋଟିକୁ ଖସିଯିବ। ଏହାର ଅର୍ଥ ସମଗ୍ର ବିଶ୍ୱର ଜନସଂଖ୍ୟା ଆଶାତୀତ



ଭାବେ ହ୍ରାସ ପାଇବ। ସର୍ଭେ ଅନୁଯାୟୀ, ଏବେ ଅଧିକାଂଶ ମହିଳା କାମ ଓ ଶିକ୍ଷା ପ୍ରତି ଅଧିକ ଧ୍ୟାନ ଦେଉଥିବାରୁ କମ ସଂଖକ ଶିଶୁ ଚାହୁଁଛନ୍ତି। ସେହିପରି ଅନେକ ଦମ୍ପତି ଗର୍ଭନିରୋଧକ ଉପାୟ ଗ୍ରହଣ କରୁଥିବା ବେଳେ ଅନେକ ଦେଶରେ ଗର୍ଭପାତକୁ ଅନୁମତି ଦିଆଯାଇଛି। ଏହା ମଧ୍ୟ ମା’ମାନଙ୍କର ପ୍ରଜନନ ହାର ହ୍ରାସର କାରଣ। ଏଭଳି ସ୍ଥିତି ଦ୍ୱାରା ସବୁଠାରୁ ଅଧିକ ପ୍ରଭାବିତ ହେବ ଜାପାନ। ୨୦୧୭ରେ ଜାପାନ ଜନସଂଖ୍ୟା ୧୨୮ ନିୟୁତରୁ ହ୍ରାସ ପାଇ ଶତାବ୍ଦୀ ଶେଷ ବେଳକୁ ୫୩ ନିୟୁତ ହୋଇଯିବ। ଇଟାଲୀରେ ୬୧ ନିୟୁତରୁ ୨୮ ନିୟୁତ ଜନସଂଖ୍ୟାରେ ପହଞ୍ଚିଯିବ। ଏହାବାଦ ସ୍ପେନ, ପର୍ତ୍ତୁଗାଲ, ଥାଇଲାଣ୍ଡ ଓ ଦକ୍ଷିଣ କୋରିଆ ଭଳି ୨୩ଟି ଦେଶ ଏହାଦ୍ୱାରା ପ୍ରଭାବିତ ହେବେ। ୨୧୦୦ ସୁଦ୍ଧା ଚୀନ୍‌ର ଜନସଂଖ୍ୟା ୭୩.୨ କୋଟିକୁ କମିଯିବ। ଭାରତର ଜନସଂଖ୍ୟା ମଧ୍ୟ କମିଯିବ। ୨୦୬୩ ସୁଦ୍ଧା ବ୍ରିଟେନର ଜନସଂଖ୍ୟା ୭୫ ନିୟୁତ ଓ ୨୧୦୦ ବେଳକୁ ୭୧ ନିୟୁତକୁ ଖସି ଆସିବ। ଏହି ସମୟ ମଧ୍ୟରେ କେବଳ ଆମେରିକା ଓ ନାଇଜେରିଆର ଲୋକସଂଖ୍ୟା ବୃଦ୍ଧି ପାଇବ ବୋଲି ଆକଳନ କରାଯାଉଛି। ୨୦୧୭ ସୁଦ୍ଧା ୫ ବର୍ଷ ବୟସରୁ କମ ବୟସ୍କଙ୍କ ସଂଖ୍ୟା ୬୮୧ ନିୟୁତ ଥିଲା ତେବେ ୨୧୦୦ ବେଳକୁ ଏହା ୪୦୧ ନିୟୁତକୁ ହ୍ରାସ ପାଇବାର ଆଶଙ୍କା ରହିଛି। ତେବେ ୮୦ ବର୍ଷ ବୟସ୍କଙ୍କ ସଂଖ୍ୟା ୨୦୧୭ରେ ୧୪୧ ନିୟୁତ ଥିବା ବେଳେ ୨୧୦୦ ମସିହା ବେଳକୁ ଏହା ୮୮୬ ନିୟୁତକୁ ବୃଦ୍ଧି ପାଇବ ବୋଲି ସର୍ଭେରେ କୁହାଯାଇଛି। ଏହ ଏକ ସମସ୍ୟା ସୃଷ୍ଟି କରିବ। କାରଣ ସେମାନଙ୍କ ପାଇଁ ସେବା ଓ ଯତ୍ନ ଅଧିକ ଆବଶ୍ୟକ ହେବ।



# ‘ସ୍ୱାଭାବିକ ସ୍ଥିତି ଫେରିନାହିଁ, ସତର୍କ ହେବାକୁ ପଡିବ’



**ଭୁବନେଶ୍ୱର :** ରାଜ୍ୟରେ ୪ ଜିଲ୍ଲା ଓ ରାଉରକେଲା ମହାନଗର ନିଗମରେ ଜୁଲାଇ ୩୧ ପର୍ଯ୍ୟନ୍ତ ଲକ୍‌ଡାଉନ୍ ରହିବ। ଗଞ୍ଜାମ, କଟକ, ଖୋର୍ଦ୍ଧା ଓ ଯାଜପୁର ଜିଲ୍ଲା ସହିତ ରାଉରକେଲା ମହାନଗର ନିଗମ ଲକ୍‌ଡାଉନ୍ କରାଯିବ। ତେବେ ପୂର୍ବଠାରୁ ଏ ଲକ୍‌ଡାଉନ୍ ଟିକିଏ କଡା, ସମସ୍ତଙ୍କୁ ମାନିବାକୁ ପଡିବ। ସ୍ୱାଭାବିକ ସ୍ଥିତି ଫେରିନାହିଁ, ସମସ୍ତଙ୍କୁ ସତର୍କ ହେବାକୁ ପଡିବ। ଘର ପାଖ ଦୋକାନରୁ ଜିନିଷ କିଣନ୍ତୁ, ବାହାରକୁ ଯାଆନ୍ତୁ ନାହିଁ। ଅମାନିଆ ଲୋକ ବାଇକ୍ ନେଇ ଜିନିଷ କିଣିବାକୁ ଗଲେ, ସେମାନଙ୍କ ବାଇକ ଜବତ ହେବ ବୋଲି ଲକ୍‌ଡାଉନ୍ କଟକଣା ନେଇ ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ ଏଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସପ୍ତାହନ୍ତ ସଟ୍‌ଡାଉନ୍ ଏହି ୫ଟି ସ୍ଥାନରୁ ଉଠିଯିବ। ମେଡିକାଲ ଷ୍ଟାଫ୍ ଓ ଗଣମାଧ୍ୟମ ପ୍ରତିନିଧି ନିଜର ପରିଚୟପତ୍ର ଦେଖାଇ ଯାଇପାରିବେ। ସପ୍ତାହର ସବୁଦିନ ସକାଳ ୬ରୁ ଦିନ ଗୋଟାଏ ପର୍ଯ୍ୟନ୍ତ ଦୋକାନ ବଜାର ଖୋଲିବ। କେବଳ ଗ୍ରୋସୋରୀ, ପରିବା ଆଦି ଅତ୍ୟାବଶ୍ୟକ ଦୋକାନ ଖୋଲିବ ବୋଲି ପୋଲିସ କମିଶନର ପ୍ରକାଶ କରିଛନ୍ତି। ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ କହିଛନ୍ତି ଯେ, ଆବଶ୍ୟକ ନ ଥିଲେ, ଘର ବାହାରକୁ ବାହାରନ୍ତୁ ନାହିଁ। ପ୍ରଶାସନକୁ ସହଯୋଗ କରନ୍ତୁ। ଆଇନ ଉଲ୍ଲଙ୍ଘନ କଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସପ୍ତାହନ ସଟ୍‌ଡାଉନ୍ ଗଞ୍ଜାମ, କଟକ, ଖୋର୍ଦ୍ଧା ଓ ଯାଜପୁର ଜିଲ୍ଲା ସହିତ ରାଉରକେଲା ମହାନଗର ନିଗମ ଏହି ପାଞ୍ଚଟି ସ୍ଥାନରୁ ଉଠିଯିବ। ସପ୍ତାହର ସବୁଦିନ ସକାଳ ୬ରୁ ଦିନ ଗୋଟାଏ ପର୍ଯ୍ୟନ୍ତ ଦୋକାନ ବଜାର ଖୋଲିବ। କେବଳ ଗ୍ରୋସରୀ, ପରିବା ଆଦି ଅତ୍ୟାବଶ୍ୟକ ସାମଗ୍ରୀ ଖୋଲିବ। ଘର ପାଖ ଦୋକାନରୁ କିଣନ୍ତୁ ବାହାରକୁ ଯାଆନ୍ତୁ ନାହିଁ। ଅମାନିଆ ଲୋକ ବାଇକ୍ ନେଇ କିଣିବାକୁ ଗଲେ ବାଇକ୍ ଜବତ ହେବ। ମେଡିକାଲ ଷ୍ଟାଫ୍ ନିଜ ପରିଚୟପତ୍ର ଦେଖାଇ ଯାଇପାରିବେ। ଔଷଧ ଦୋକାନ କର୍ମଚାରୀ ଟ୍ରେଡ୍ ଲାଇସେନ୍ସ ଦେଖାଇ ଯାଇପାରିବେ। ଗ୍ରୋସରୀ ଓ ପରିବା ଦୋକାନୀଙ୍କ ଯିବାଆସିବା ପାଇଁ ହ୍ୱାଟ୍‌ସଆପ୍ ଗ୍ରୁପ୍ ହୋଇଛି। ଗଣମାଧ୍ୟମ ପ୍ରତିନିଧିଙ୍କୁ ପରିଚୟପତ୍ର, କର୍ତ୍ତୃପକ୍ଷଙ୍କ ଚିଠି ଦେଖାଇବାକୁ ପଡିବ। କେହି ଗଣମାଧ୍ୟମର ମିଛ ପରିଚୟପତ୍ର ବ୍ୟବହାର କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବ୍ୟାଙ୍କ କର୍ମଚାରୀଙ୍କ ସଂଖ୍ୟା ୨୫%ରୁ ଅଧିକ ହେବନାହିଁ। ବ୍ୟାଙ୍କ କର୍ମଚାରୀଙ୍କୁ ନିଜ ପରିଚୟପତ୍ର ଓ କର୍ତ୍ତୃପକ୍ଷଙ୍କ ଚିଠି ଦେଖାଇବାକୁ ହେବ। ଘରୋଇ କାମ ପାଇଁ କେହି ସଂସ୍ଥାର ପରିଚୟପତ୍ର ବ୍ୟବହାର କରନ୍ତୁ ନାହିଁ। ଆଇଟି ସଂସ୍ଥା ୧୦% କର୍ମଚାରୀଙ୍କୁ ଅଫିସ ଡାକିପାରିବେ। ସରକାରୀ କର୍ମଚାରୀ ନିଜ ପରିଚୟପତ୍ର ବ୍ୟବହାର କରିପାରିବେ। ବିଭାଗୀୟ ମୁଖ୍ୟଙ୍କ ଚିଠି ମଧ୍ୟ ଦେଖାଇବେ ସରକାରୀ କର୍ମଚାରୀ। ବାହାଘର ଓ ଶୁଦ୍ଧକ୍ରିୟା ପାଇଁ ଥାନାରୁ ଅନୁମତି ଆଣିବା ଜରୁରୀ। ବାହାଘର ଏବଂ ଶୁଦ୍ଧକ୍ରିୟା ବ୍ୟତୀତ କୌଣସି ସାମାଜିକ କାର୍ଯ୍ୟକୁ ଅନୁମତି ଦିଆଯିବ ନାହିଁ। ଏୟାରପୋର୍ଟ, ରେଳ ଷ୍ଟେସନ୍ କର୍ମଚାରୀଙ୍କୁ ଯିବାକୁ ଅନୁମତି ମିଳିପାରିବ। ଏହି ୧୪ ଦିନିଆ ଲକ୍‌ଡାଉନ୍ ସମୟରେ ଭୁବନେଶ୍ୱର ଓ କଟକ ସହର ମଧ୍ୟକୁ ବିନା କାରଣରେ ଅନ୍ୟ କୌଣସି ଜିଲ୍ଲାର ଲୋକମାନେ ପ୍ରବେଶ କରିବେ ନାହିଁ। ଏହି ଅବଧି ମଧ୍ୟରେ ରାଉରକେଲା ଓ ଅନ୍ୟ ୪ଟି ଜିଲ୍ଲାରେ ସମସ୍ତ ସରକାରୀ ଅଫିସ, ବେସରକାରୀ ଅଫିସ ଓ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିବ। ତେବେ ଜରୁରୀକାଳୀନ ସେବା ଯୋଗାଉଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟାଳୟ, ଆମ୍ବୁଲାନ୍ସ, ବିଦ୍ୟୁତ୍ ଓ ଜଳ ଯୋଗାଣ ଭଳି ଜରୁରୀ ସେବା, ଇ-କମର୍ସ, ହୋମ ଡେଲିଭରି, ଏଲପିଜି ଓ ପେଟ୍ରୋଲ ପମ୍ପକୁ ଏହି ଲକଡାଉନରୁ ବାଦ୍ ଦିଆଯାଇଛି ବୋଲି ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ ସୂଚନା ଦେଇଛନ୍ତି।

### ଡ୍ୟୁଟିରେ ଥାଇ ମୃତ୍ୟୁ ଘଟିଲେ ଅଙ୍ଗନୱାଡ଼ି, ଆଶାକର୍ମୀଙ୍କୁ ମିଳିବା ସହାୟତା

# ପରିବାରକୁ ମିଳିବ ଭତ୍ତା



**ଭୁବନେଶ୍ୱର :** ଅଙ୍ଗନୱାଡ଼ି ଓ ଆଶାକର୍ମୀଙ୍କ ପାଇଁ ବଡ ଘୋଷଣା କରିଛନ୍ତି ରାଜ୍ୟ ସରକାର। ଅଙ୍ଗନୱାଡ଼ି ଓ ଆଶାକର୍ମୀଙ୍କ ପରିବାରକୁ ମିଳିବ ଭତ୍ତା। ଅଙ୍ଗନୱାଡ଼ି ଓ ଆଶାକର୍ମୀ କରୋନା ଡ୍ୟୁଟିରେ ଥିବା ବେଳେ ମୃତ୍ୟୁ ହେଲେ ତାଙ୍କ ପରିବାର ପାଇଁ ଭତ୍ତା ଘୋଷଣା କରିଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର। କରୋନା ଡ୍ୟୁଟିରେ ଥିବା ବେଳେ ମୃତ୍ୟୁ ହେଲେ ସରକାର ଭତ୍ତା ଦେବାକୁ ଘୋଷଣା କରିଛନ୍ତି। ଆଶାକର୍ମୀଙ୍କ ନିକଟ ସମ୍ପର୍କୀୟଙ୍କୁ ୫ ହଜାର ଓ ଅଙ୍ଗନୱାଡ଼ି କର୍ମୀଙ୍କ ନିକଟ ସମ୍ପର୍କୀୟଙ୍କୁ ମିଳିବ ୭ ହଜାର ୫ଶହ ଟଙ୍କାର ଭତ୍ତା। ଅଙ୍ଗନୱାଡ଼ି ଓ ଆଶାକର୍ମୀଙ୍କ ନିକଟ ସମ୍ପର୍କୀୟଙ୍କୁ ୬୦ ବର୍ଷ ହେବା ଯାଏଁ ଏହି ଭତ୍ତା ଯୋଗାଇ ଦିଆଯିବ। ତେବେ ଏହା ପୂର୍ବରୁ ରାଜ୍ୟ ସରକାର କରୋନା ଯୋଦ୍ଧାଙ୍କ ମୃତ୍ୟୁ ହେଲେ ତାଙ୍କର ଅନ୍ତିମ ସଂସ୍କାର ସମ୍ପୂର୍ଣ୍ଣ ବ୍ୟବସ୍ଥା ଭିତ୍ତିରେ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଯେହେତୁ ଆଶାକର୍ମୀ ଓ ଅଙ୍ଗନୱାଡ଼ି କର୍ମୀ ଘର ଘର ବୁଲି ସର୍ଭେ କରୁଛନ୍ତି ତେଣୁ ସେମାନଙ୍କ ପାଇଁ ରାଜ୍ୟ ସରକାର ଏହି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ସୂଚନାଥାଉ କି, ରାଜ୍ୟରେ ଥିବା ଗ୍ରାମ ପଞ୍ଚାୟତ ଗୁଡିକରେ ୪୯୨୧୮ ଶଯ୍ୟା ବିଶିଷ୍ଟ ୫୪୮୦ କୋଭିଡ୍ ଗୃହ ସ୍ଥାପନ କରାଯାଇଛି। ଏହାସହିତ ୩୭୯୯୮ ଶଯ୍ୟା ବିଶିଷ୍ଟ ୧୧୦୫ଟି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର କ୍ଲଷ୍ଟର କାର୍ଯ୍ୟ କରୁଛି। ୧୧୪ଟି ପୌରାଞ୍ଚଳରେ ୨୦୩୫ଟି କୋଭିଡ୍ କେୟାର କମିଟି ଗଠନ କରାଯାଇଥିବା ବେଳେ ୫୯୫୬ ଶଯ୍ୟା ବିଶିଷ୍ଟ କୋଭିଡ୍ ଗୃହ ମଧ୍ୟ ସ୍ଥାପନ କରାଯାଇଛି। ଏହାସହିତ ୫୮୯୮୮ ଶଯ୍ୟା ବିଶିଷ୍ଟ ୮୧୮ଟି ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନ କରାଯାଇଛି।

### ରାଜସ୍ୱରେ ପ୍ରତିବନ୍ଧକ କରୋନା କଟକଣା

# ମୋଟରଯାନ ଟିକସ ୫୮% ହ୍ରାସ

**ଭୁବନେଶ୍ୱର :** ଚଳିତବର୍ଷ କରୋନା କଟକଣା ଯୋଗୁଁ ତ୍ରୟମାସିକ ମୋଟରଯାନ ଟିକସ କ୍ଷେତ୍ରରେ ୫୮ ପ୍ରତିଶତ ହ୍ରାସ ଘଟିଛି। ଚଳିତବର୍ଷ ଏପ୍ରିଲ୍‌ରେ ମାତ୍ର ୨୮ କୋଟି ୬୬ ଲକ୍ଷ ଟଙ୍କା ଆଦାୟ ହୋଇଥିଲା ବେଳେ ଗତବର୍ଷ ଏପ୍ରିଲ୍‌ରେ ରାଜକୋଷକୁ ଏହି କ୍ଷେତ୍ରରୁ ୧୧୬ କୋଟି ୨ ଲକ୍ଷ ଟଙ୍କା ମିଳିଥିଲା। ଚଳିତ ଆର୍ଥିକ ବର୍ଷର ପ୍ରଥମ ତିନିମାସ ଏପ୍ରିଲ୍‌ରୁ ଜୁନ୍ ମଧ୍ୟରେ ମୋଟର ଟିକସ ବାବଦରେ ଆଦାୟ ହୋଇଛି ୧୫୯ କୋଟି ୮୦ ଲକ୍ଷ ଟଙ୍କା। ଗତବର୍ଷ ଏହି ସମୟରେ ମୋଟରଯାନ ଟିକସରୁ ୩୮୪ କୋଟି ଟଙ୍କା ମିଳିଥିଲା। ସେହିଭଳି ଚଳିତବର୍ଷ ମେ ମାସରେ ମୋଟରଯାନ ଟିକସ ବାବଦରେ ୩୫ କୋଟି ଟଙ୍କା ଆଦାୟ ହୋଇଥିବା ବେଳେ ଗତବର୍ଷ ଏହି ସମୟରେ ୧୦୫ କୋଟି ଟଙ୍କା ଆଦାୟ ହୋଇଥିଲା। ତେଣୁ ମେ’ ମାସରେ ଚଳିତବର୍ଷ ୬୭ ପ୍ରତିଶତ କମ୍ ରାଜସ୍ୱ ମିଳିଛି। ଜୁନ୍ ମାସରେ ୪୦ହଜାରରୁ ଅଧିକ ଗାଡ଼ି ବିକ୍ରି ହେବା ଫଳରେ ୯୬ କୋଟି ଟଙ୍କାର ମୋଟରଯାନ ଟିକସ ଆଦାୟ ହୋଇଛି। ଗତ ବର୍ଷ ଏହି ସମୟରେ ୧୧୨ କୋଟି ୭୦ ଲକ୍ଷ ଟଙ୍କା ଆଦାୟ ହୋଇଥିଲା। ପୂର୍ବବର୍ଷ ତୁଳନାରେ ରାଜସ୍ୱ ଆଦାୟ ପରିମାଣ ୧୪.୮ ପ୍ରତିଶତ କମିଥିଲେ ମଧ୍ୟ କରୋନା କଟକଣା ସମୟରେ ଏହାର ପ୍ରଦର୍ଶନ ବେଶ୍ ଭଲ ରହିଛି। ଗୋଟିଏ ମାସରେ ଚଳିତବର୍ଷ ମୋଟରଯାନ ଟିକସ ପରିମାଣ ୮୩ ପ୍ରତିଶତ ହ୍ରାସ ପାଇଛି। ଚଳିତବର୍ଷ ଜୁନ୍ ମାସରେ ଲକ୍‌ଡାଉନ୍ ସମୟରେ ୪୩ ହଜାର ନୂଆ ଗାଡ଼ି ପଞ୍ଜୀକରଣ ହୋଇଥିବାରୁ ଆର୍ଥିକ ବର୍ଷର ପୂର୍ବ ଦୁଇ ମାସ ତୁଳନାରେ ଅଧିକା ରାଜସ୍ୱ ମିଳିଲା। ଚଳିତ ମାସରେ ଗତକାଲି ସୁଦ୍ଧା ୨୧ ହଜାର ନୂଆ ଗାଡ଼ି ବିକ୍ରି ହୋଇସାରିଛି। ତେବେ ମେ ମାସରେ ୧୫ହଜାର ଗାଡ଼ି ବିକ୍ରି ହୋଇଥିବା ବେଳେ ଏପ୍ରିଲ୍ ମାସରେ ମାତ୍ର ୨୫୯୯ଟି ନୂଆ ଗାଡ଼ି ବିକ୍ରି ହୋଇଥିଲା। ମାର୍ଚ୍ଚ ୨୨ ତାରିଖରୁ ଲକ୍‌ଡାଉନ୍ କଟକଣା ଲାଗୁ ହେବା ପରେ ଗାଡ଼ି ବିକ୍ରି ଆଶାତୀତ ଭାବେ ହ୍ରାସ ପାଇଛି। ତେବେ ମେ’ ୩ ତାରିଖରେ କଟକଣା ଆଂଶିକ ଭାବେ ପ୍ରତ୍ୟାହାର ହେବା ପରେ ଗାଡ଼ି ବିକ୍ରି ବୃଦ୍ଧି ପାଇଛି। ସାଧାରଣ ସମୟରେ ମାସକୁ ୬୦ହଜାର ଗାଡ଼ି ବିକ୍ରି ହେଉଥିବା ବେଳେ ଗତବର୍ଷ ଏପ୍ରିଲ୍, ମେ ଓ ଜୁନ୍ ମାସରେ ଗାଡ଼ି ବିକ୍ରି ପରିମାଣ ଯଥାକ୍ରମେ ୭୫ହଜାର, ୬୬ ହଜାର ଓ ୬୪ ହଜାର ରହିଥିଲା। ଆର୍ଥିକ ବର୍ଷର ପ୍ରଥମ ତିନିମାସରେ ରାଜ୍ୟ ସରକାର ବସ୍‌ଗୁଡ଼ିକୁ ଟିକସ ଛାଡ଼ କରିଛନ୍ତି। ଏଥିସହିତ ଡ୍ରାଇଭିଂ ଲାଇସେନ୍ସ ପାଇଁ ପରୀକ୍ଷା ହୋଇପାରୁନଥିବାରୁ ଏ ବାବଦୀୟ ଟିକସ ମଧ୍ୟ ମିଳିପାରୁନାହିଁ। ଆରଟିଓ ଦପ୍ତରର କର୍ମଚାରୀମାନେ ପ୍ରବାସୀ ପରିବହନ, ସୀମା ତନଖିରେ ବ୍ୟସ୍ତ ଥିବାରୁ ଏନ୍‌ଫୋର୍ସମେଣ୍ଟ କ୍ଷେତ୍ରରୁ ମଧ୍ୟ ରାଜସ୍ୱ ଆଦାୟ ହୋଇପାରୁନାହିଁ। ତେବେ ରାଜ୍ୟରେ କରୋନା ମୁକାବିଲା ଲାଗି ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି।

# ଗରିବ ହିତାଧିକାରୀଙ୍କ ଅଧିକାରକୁ ବଳି ପକାଉଛି ଜିଲ୍ଲା ପ୍ରଶାସନ : ବିଜେପି

**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଦେଶର ସମସ୍ତ ଗରିବ ଲୋକଙ୍କୁ ୨୦୨୨ ସୁଦ୍ଧା ପକ୍କା ଘର ଯୋଗାଇଦେବା ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାର୍ଯ୍ୟ କରୁଛନ୍ତି। କିନ୍ତୁ ରାଜ୍ୟସରକାର ଏଠି ପାତର ଅନ୍ତର ନୀତି ଆପଣାଇ କେବଳ ଦଳୀୟ କର୍ମୀମାନଙ୍କୁ ପକ୍କା ଘର ଯୋଗାଇ ଚାଲିଛନ୍ତି। ଯୋଗ୍ୟ ହିତାଧିକାରୀ ମାନେ ଘରେ ଖଣ୍ଡେ ପାଇବାରୁ ବଂଚିତ ହେଉଛନ୍ତି। ସାରା ରାଜ୍ୟରେ ବିଜେଡିର ଏଜେଂଟ ମାନେ ପ୍ରତି ହିତାଧିକାରୀଙ୍କ ଠାରୁ ୧୦-୨୫ ହଜାର ଟଙ୍କାର ଲାଂଚ ନେଇ ଗରିବ ଖଟିକିଆ ଲୋକଙ୍କୁ ତାଲିକାଭୁକ୍ତ କରୁଛନ୍ତି। ବିଜେପି ଏହାକୁ ପ୍ରତିବାଦ କରିବାରୁ ଅନେକ ସ୍ଥାନରେ ବ୍ଲକ ମାନଙ୍କରେ ଯୋଗ୍ୟ ହିତାଧିକାରୀଙ୍କର ଦରଖାସ୍ତ ଆହ୍ୱାନ କରି ଆବେଦନ ବାକ୍ସ ବସାଇଥିଲେ ମଧ୍ୟ ଏଯାବତ ଦରଖାସ୍ତ ଦେଇଥିବା ଲୋକଙ୍କ ସମସ୍ୟା ରାଜ୍ୟ ସରକାର ସମାଧାନ କରିବା ପାଇଁ ପ୍ରସ୍ତୁତ ନାହାଁନ୍ତି ବୋଲି ବିଜେପି ଅଭିଯୋଗ କରିଛି। ଖୋର୍ଦ୍ଧା ଜିଲ୍ଲାର ଚିଲିକା ବ୍ଲକରେ କିଛି ସ୍ଥାନୀୟ ସ୍ୱେଚ୍ଛାସେବୀ ଓ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ମୋହିନୀ ମୋହନ ବଳିଆରସିଂହଙ୍କ ନଜରରେ ଆସିଲା ଯେ, ଅନେକ ଗୁଡିଏ ପିଏମଏୱାଇ ଆବେଦନ ପତ୍ର ବ୍ଲକ ଅଫିସ ପଛପଟ ପଡିଆରେ ଫୋପଡା ହୋଇଛି ଏବଂ କିଛିରେ ଅଗ୍ନି ସଂଯୋଗ ମଧ୍ୟ କରାଯାଇଛି। ଏ ବାବଦରେ ସେମାନେ ବ୍ଲକର ଅଧିକୃତ ଅଧିକାରୀମାନଙ୍କୁ ପ୍ରଶ୍ନ ପଚାରିବାରୁ କୌଣସି ସନ୍ତୋଷଜନକ ଉତର ମିଳିଲା ନାହିଁ। ସ୍ୱେଚ୍ଛାସେବୀ ମୋହିନୀ ମୋହନ ବଳିଆରସିଂହ ଏହି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ବିରୁଦ୍ଧରେ ଥାନାରେ ଏତଲା ଦେଇଛନ୍ତି। ଜିଲ୍ଲା ପ୍ରଶାସନ ଗରିବ ଲୋକଙ୍କ ଅଧିକାରକୁ ବଳି ପକାଉଛି। ଥାନା ଅଧିକାରୀ ଏହି ଘଟଣାର ତଦନ୍ତ କରି ଏଭଳି ଅମାନବୀୟ କାର୍ଯ୍ୟ କରିଥିବା ଅଧିକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ବିଜେପି ଦାବି କରିଛି। ଏଭଳି ଏକ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା କେବଳ ଚିଲିକା ବ୍ଲକରେ ହୋଇନାହିଁ ବରଂ ଓଡିଶାର ସମସ୍ତ ୩୧୪ ବ୍ଲକ ଓ ମ୍ୟୁନିସପାଲିଟି ମାନଙ୍କରେ ହେଉଥିବାର ଏକ ପ୍ରାମାଣିକତା ଦିଗକୁ ହିଁ ଦର୍ଶାଉଛି। ରାଜ୍ୟର ଗରିବ ଲୋକଙ୍କ ସହ ଚଂଚକତା କରିବା, ତାଙ୍କ ପାଇଁ ଉଦ୍ଦିଷ୍ଟ ଅର୍ଥକୁ ବାଟମାରଣା କରିବା ଏବଂ ରାଜନୈତିକ ଆକ୍ରୋଶରେ ଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାଭୁକ୍ତ ନକରିବା ଓଡିଶା ସରକାରଙ୍କ ପ୍ରାଥମିକତା ହେବା ଆରମ୍ଭ କରିଛି। ଏହାକୁ କୌଣସି ମତେ ବରଦାସ୍ତ କରାଯିବ ନାହିଁ ଏବଂ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଓଡିଶାର ଗରିବ ଲୋକଙ୍କ ପାଇଁ ପଠାଉଥିବା ପ୍ରତିଟି ପଇସାକୁ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଂଚାଇବାକୁ ବିଜେପିର ପ୍ରତିଟି କାର୍ଯ୍ୟକର୍ତା ଚୌକିଦାରର ଭୂମିକା ନିଭେଇବେ।

### ‘+୨ ରେଜଲ୍ଟ କେବେ ବାହାରିବ କହିହେବନି’

**ଭୁବନେଶ୍ୱର :** କେବେ +୨ ରେଜଲ୍ଟ ବାହାରିବ କହି ହେବନି ବୋଲି କହିଛନ୍ତି ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ। ଏଯାଏ +୨ ଖାତା ଦେଖା ସରିନି, ତେଣୁ ରେଜଲ୍ଟ କଥା କହି ହେବନି। ଗତ ୧୬ ତାରିଖରେ ଗଣଶିକ୍ଷା ବିଭାଗ ସଚିବ ଜିଲ୍ଲାପାଳ, ଏସ୍‌ପି, ଡିସିପିଙ୍କୁ ଖାତା ମୂଲ୍ୟାୟନ ପାଇଁ ଚିଠି ଲେଖିଥିଲେ। ଲକ୍‌ଡାଉନ ହେବାକୁ ଥିବା ୪ ଜିଲ୍ଲାରେ ୩୫ଟି ମୂଲ୍ୟାୟନ କେନ୍ଦ୍ର ରହିଛି। ଜିଲ୍ଲାପାଳମାନେ ଜିଲ୍ଲାର ଅବସ୍ଥା ଦେଖି ବିଚାର କରାଯିବ ବୋଲି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ସୂଚନା ଦେଇଛନ୍ତି। ତେବେ ଚଳିତବର୍ଷ ୩୩ଟି ବିଷୟର ପରୀକ୍ଷା ହୋଇନଥିବାବେଳେ ସିବିଏସ୍‌ଇ ଢାଞ୍ଚାରେ ରେଜଲ୍ଟ ପ୍ରକାଶ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ତେବେ ଯେଉଁ ବିଷୟର ପରୀକ୍ଷା ଶେଷ ହୋଇଛି ସେ ସବୁ ମଧ୍ୟ ମୂଲ୍ୟାୟନ ହୋଇପାରି ନାହିଁ। ଲକ୍‌ଡାଉନ୍ ଏବଂ ସଟ୍‌ଡାଉନ୍ ସମସ୍ୟା ଲାଗି ଏଭଳି ବିଳମ୍ବ ହୋଇଥିବାବେଳେ ରେଜଲ୍ଟ ପ୍ରକାଶ ନେଇ ଛାତ୍ରଛାତ୍ରୀ ଚିନ୍ତାରେ ପଡ଼ିଛନ୍ତି।

# ସେପ୍ଟେମ୍ବରରେ ବିଧାନସଭା ଅଧିବେଶନ

**ଭୁବନେଶ୍ୱର :** କରୋନା ମହାମାରୀ ପରିସ୍ଥିତିରେ ଆସନ୍ତା ସେପ୍ଟେମ୍ବର ମାସରେ ବିଧାନସଭା ଅଧିବେଶନ ବସିପାରେ। ବିଧାୟକମାନେ ଅଧିବେଶନରେ ଯୋଗଦେବାକୁ ଆସିବେ ହେଲେ ପ୍ରତ୍ୟେକ ବିଧାୟକଙ୍କ ମଧ୍ୟରେ ୪ ଗଜ ଦୂରତା ବା ୧୨ ମିଟରର ଦୂରତା ରହିବ। ଏହି ଦୂରତା ରକ୍ଷା କରି ବିଧାୟକମାନେ ବିଧାନସଭାରେ ବସିବେ। ବିଧାୟକଙ୍କ ବସିବା ପାଇଁ ଦର୍ଶକ ଓ ସାମ୍ବାଦିକ ଗ୍ୟାଲେରୀ ବ୍ୟବହାର କରାଯିବ। ବୈଠକ ସମୟରେ ସାଧାରଣ ଲୋକ ଭିତରେ ପ୍ରବେଶ କରିବାକୁ ବାରଣ କରାଯାଇଛି। ଏପରିକି ବୈଠକ ସମୟରେ ସାମ୍ବାଦିକଙ୍କୁ ମଧ୍ୟ ବିଧାନସଭା ଭିତରକୁ ଯିବା ପାଇଁ ଅନୁମତି ମିଳିବନି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଅଧିବେଶନ ବେଳେ ଏଭଳି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗତ ମାର୍ଚ୍ଚ ମାସରେ ବିଧାନସଭା ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଆଇନ ଅନୁସାରେ ୬ ମାସ ଭିତରେ ପୁଣିଥରେ ବୈଠକ ବସିବା କଥା। ଆସନ୍ତା ସେପ୍ଟେମ୍ବରକୁ ୬ ମାସ ହେଉଛି। ତେଣୁ ସେପ୍ଟେମ୍ବରରେ ଅଧିବେଶନ ବସିବା ଜରୁରୀ। ବିଧାନସଭା ଅଧିବେଶନ ନେଇ ଲୋକସଭା ଓ ରାଜ୍ୟସଭା ସଚିବଙ୍କ ସହ ଆଲୋଚନା ଜାରି ରହିଛି। ବିଧାନସଭା ବସିବା ନେଇ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ନିଆଯିବ। ପରାମର୍ଶ ଅନୁସାରେ ଯାହା ନିଷ୍ପତ୍ତି ହେବ, ସେହି ଅନୁଯାୟୀ ଅଧିବେଶନ ଅନୁଷ୍ଠିତ ହେବ। ସଂସଦ ନିୟମାନୁସାରେ ସଦସ୍ୟଙ୍କ ଭିତରେ ଦୂରତା ବଜାୟ ରଖିବା ଜରୁରୀ ହୋଇପଡ଼ିଛି। ତେଣୁ ବିଧାନସଭା ଭିତର ଦର୍ଶକ ଓ ସାମ୍ବାଦିକ ଗ୍ୟାଲେରୀରେ ଦୂରତା ରହିପାରିବ। ତେବେ ବିଧାନସଭାର ସମସ୍ତ ବିବରଣୀ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରଦାନ କରାଯିବ। ଗଣମାଧ୍ୟମକୁ ସୂଚନା ଓ ଲୋକସମ୍ପର୍କ ବିଭାଗ ଗୃହରେ ସମସ୍ତ ବିବରଣୀ ଦେବ ବୋଲି ବାଚସ୍ପତି କହିଛନ୍ତି। ସେହିପରି ବିଧାନସଭାରେ ବିଧାୟକମାନେ କରୋନା ସଂକ୍ରମିତ ହୋଇଥିବା ଚିହ୍ନଟ ହେବା ପରେ ଚଳିତ ମାସରେ ହେବାକୁ ଥିବା ବିଭିନ୍ନ କମିଟିର ସମସ୍ତ ବୈଠକକୁ ବାତିଲ୍ କରାଯାଇଛି। ଆବଶ୍ୟକ ପଡ଼ିଲେ ଭିଡିଓ କଲ୍ ମାଧ୍ୟମରେ ଆଲୋଚନା ବା ବୈଠକ କରାଯିବ। ଜିଲ୍ଲା ଓ ବ୍ଲକ୍ ହେଡ୍‌କ୍ୱାର୍ଟର୍ସରେ ଭିଡିଓ କଲ୍ ମାଧ୍ୟମରେ ସଦସ୍ୟମାନେ ସାମିଲ୍ ହୋଇପାରିବେ।




# ପିଆଇବି ପକ୍ଷରୁ କୋଭିଡ-୧୯ ପରିଚାଳନାରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ୱେବିନାର

**ଭୁବନେଶ୍ୱର, (ପିଆଇବି):** କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱର ପକ୍ଷରୁ “କୋଭିଡ-୧୯ ପରିଚାଳନାରେ ଗଣମାଧ୍ୟମ”ର ଭୂମିକାକୁ ନେଇ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ପିଆଇବିର ଅତିରିକ୍ତ ମହାନିର୍ଦ୍ଦେଶକ ଶୈଳେଶ କୁମାର ମାଲବ୍ୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ବର୍ତମାନର ସଙ୍କଟପୂର୍ଣ୍ଣ ସମୟରେ ମିଥ୍ୟା ଖବର ବ୍ୟାପକ ପ୍ରସାରଣ ହେଉଥିବାରୁ ଗଣମାଧ୍ୟମ ଦାୟିତ୍ୱସମ୍ପନ୍ନ ହୋଇ ଖବର ପରିବେଷଣ କରିବା ଲାଗି ସେ ଆହ୍ୱାନ କରିଥିଲେ। ଏହି ଭର୍ଚୁଆଲ ଆଲୋଚନା ଏବଂ ପ୍ରଶ୍ନୋତର କାର୍ଯ୍ୟକ୍ରମରେ ରାଜ୍ୟ ଗଣମାଧ୍ୟମ ଜଗତର ବିଶିଷ୍ଟ ବ୍ୟକ୍ତିବିଶେଷମାନେ ଅଂଶଗ୍ରହଣ କରି କରୋନା ମହାମାରୀ ସମୟରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିବା ସହିତ ସକାରାତ୍ମକ ଖବର ପ୍ରସାରଣ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ‘ଧରିତ୍ରୀ’ ଏବଂ ‘ଓଡ଼ିଶା ପୋଷ୍ଟ’ର ସମ୍ପାଦକ ତଥାଗତ ସତପଥୀ କହିଥିଲେ ଯେ ଆମେ ସମସ୍ତେ ଏକ ବୈଶ୍ୱିକ ସଙ୍କଟ ଦେଇ ଗତି କରୁଛୁ। ବର୍ତମାନ ମହାମାରୀ ସହିତ ତାଳଦେଇ ‘ସୂଚନା ମହାମାରୀ’ (ଇନଫୋଡେମିକ) ମଧ୍ୟ ଦେଖାଦେଇଛି। ଗଣମାଧ୍ୟମ କେତେକ କ୍ଷେତ୍ରରେ ଅନିୟନ୍ତ୍ରିତ ହୋଇପଡ଼ିଛି, ଯାହା ଏହାର ଛବିକୁ ପ୍ରଭାବିତ କରିବା ସହିତ ବିଶ୍ୱସନୀୟତାର ସଙ୍କଟ ସୃଷ୍ଟି କରୁଛି। ଏଭଳି ସମୟରେ ଗଣମାଧ୍ୟମ ଦାୟିତ୍ୱସମ୍ପନ୍ନ ହୋଇ ଖବର ପ୍ରସାରଣ କରିବା ଆବଶ୍ୟକ। ଅସମ୍ପୂର୍ଣ୍ଣ ତଥ୍ୟ ଉପରେ ଅତ୍ୟଧିକ ଖବର ପ୍ରସାରଣ ଦ୍ୱାରା ଜନସାଧାରଣଙ୍କ ଉପରେ ମାନସିକ ଚାପ ସୃଷ୍ଟି ହେବାର ଆଶଙ୍କା ରହିଛି। ଗଣମାଧ୍ୟମରେ କେବଳ କୋଭିଡ-୧୯ ମହାମାରୀ ସମ୍ପର୍କରେ ଖବର ପ୍ରସାରଣ କରାନଯାଇ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଖବର ପ୍ରସାରଣ ଉପରେ ମଧ୍ୟ ଜୋର ଦିଆଯିବା ଆବଶ୍ୟକ। କରୋନା ସମ୍ପର୍କିତ ଖବର ନିଶ୍ଚିତ ଭାବେ ପ୍ରକାଶ ପାଉ, କିନ୍ତୁ ଏସବୁ ଖବର ଉପରେ ଅତ୍ୟଧିକ ଗୁରୁତ୍ୱ ଦିଆଯିବା ଉଚିତ ନୁହେଁ ବୋଲି ଶ୍ରୀ ସତପଥୀ ମତପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିବା ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର କହିଥିଲେ ଯେ କରୋନା ମହାମାରୀ ସମୟରେ ଗଣମାଧ୍ୟମ ଏକ ପ୍ରଶଂସନୀୟ ଭୂମିକା ନିର୍ବାହ କରୁଛି। ବର୍ତମାନର ଆହ୍ୱାନପୂର୍ଣ୍ଣ ସମୟରେ ସରକାରୀ ବ୍ୟବସ୍ଥା ଚାପଗ୍ରସ୍ତ ରହିଛି। ଗଣମାଧ୍ୟମ ସୂଚନାର ପ୍ରସାରଣ ମାଧ୍ୟମରେ ବ୍ୟବସ୍ଥାକୁ ସହଯୋଗ ଯୋଗାଇ ଦେଉଛି। ତେବେ ଗଣମାଧ୍ୟମ ନକାରାତ୍ମକ ନୁହେଁ, ବରଂ ସକାରାତ୍ମକ ଖବର ପ୍ରସାରଣ କରିବା ଆବଶ୍ୟକ। ଖୁବଶୀଘ୍ର ମହାମାରୀର ସଙ୍କଟ ଦୂର ହେବ। ଏହି ସଙ୍କଟପୂର୍ଣ୍ଣ ସମୟରେ ସରକାର ଓ ପ୍ରଶାସନ ଗଣମାଧ୍ୟମ ସହ ରହିଛି ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଅନ୍ୟତମ ଆଲୋଚକ ଭାବେ ଅଂଶଗ୍ରହଣ କରିଥିବା ‘ସମ୍ବାଦ’ର ଫିଚର ସମ୍ପାଦକ ତଥା ସମ୍ବାଦ ସ୍କୁଲ ଅଫ ମିଡିଆ ଆଣ୍ଡ କଲଚର ର ଅଧ୍ୟକ୍ଷ ବିଶିଷ୍ଟ କଥାକାର ଗୌରହରି ଦାସ କହିଥିଲେ ଯେ ଗଣମାଧ୍ୟମ, ବିଶେଷ କରି ସମ୍ବାଦପତ୍ରଗୁଡ଼ିକ ଗୁରୁତର ସଙ୍କଟ ଦେଇ ଗତି କରୁଛନ୍ତି। ଏସବୁ ସଂସ୍ଥା ତିଷ୍ଠି ରହିବା ଲାଗି ସଂଘର୍ଷ କରୁଛନ୍ତି। ତେବେ ମହାମାରୀ ସମୟରେ କେବଳ ନକାରାତ୍ମକ ଖବର ପ୍ରସାରଣ ନକରି ସକାରାତ୍ମକ ସୂଚନା ଲୋକମାନଙ୍କ ନିକଟରେ ପହଁଚାଇବା ଉଚିତ ବୋଲି ସେ ମତପ୍ରକାଶ କରିଥିଲେ। ବିଶେଷକରି ଗ୍ରାମାଞ୍ଚଳରେ ଘଟୁଥିବା ଘଟଣା, ଦୁର୍ଘଟଣା ବିଷୟରେ ଖବର ପ୍ରସାରଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବରିଷ୍ଠ ସାମ୍ବାଦିକ ତଥା ‘ଓଡ଼ିଶା ବାଇଟ୍ସ ଡଟକମ, ଓଡ଼ିଶାସମ୍ବାଦଡଟଇନ’ର ଗ୍ରୁପ ସମ୍ପାଦକ ସନ୍ଦୀପ ମିଶ୍ର କହିଥିଲେ ଯେ ବର୍ତ୍ତମାନ ଗଣମାଧ୍ୟମ ଜଗତ ବିଭିନ୍ନ ପ୍ରକାରର ସଙ୍କଟ ମଧ୍ୟ ଦେଇ ଗତି କରୁଛି। ରାଜସ୍ୱ କ୍ଷତି ସହିତ ଖବର ସଂଗ୍ରହ ମଧ୍ୟ ବାଧାପ୍ରାପ୍ତ ହୋଇଛି। ସାମାଜିକ ଦୂରତାକୁ ଆଖି ଆଗରେ ରଖି କର୍ମଚାରୀଙ୍କ ସଂଖ୍ୟା ହ୍ରାସ ପାଇଛି। ଅନ୍ୟପକ୍ଷରେ ଏହି ଆହ୍ୱାନପୂର୍ଣ୍ଣ ସମୟରେ ସଠିକ ସମୟରେ ସଠିକ ସୂଚନା ପହଁଚାଇବାର ଆବଶ୍ୟକତା ଯୋଗୁ ଗଣମାଧ୍ୟମ ଚାପରେ ରହୁଛି। ଏଭଳି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସୂଚନା ପ୍ରସାରଣ ନିରପେକ୍ଷ ଏବଂ ବିଶ୍ୱସନୀୟ ହେବା ଜରୁରି ବୋଲି ସେ ମତବ୍ୟକ୍ତ କରିଥିଲେ।

ବରିଷ୍ଠ ସାମ୍ବାଦିକ ତଥା ନନ୍ଦିଘୋଷ ଟିଭିର ସମ୍ପାଦକ ଶିଶିରଭଟ୍ଟ ମିଶ୍ର କାର୍ଯ୍ୟକ୍ରମରେ ଅନ୍ୟତମ ଆଲୋଚକ ଭାବେ ଅଂଶଗ୍ରହଣ କରି ମହାମାରୀର ଏହି ସଙ୍କଟପୂର୍ଣ୍ଣ ସମୟକୁ ଦ୍ୱାପର ଯୁଗର ଯଦୁବଂଶ ଧ୍ୱଂସ ସମୟର ସ୍ଥିତି ସହିତ ତୁଳନା କରିଥିଲେ। ସେ କହିଥିଲେ ଯେ ଗଣମାଧ୍ୟମ ଏବଂ ସାମ୍ବାଦିକମାନଙ୍କ ପାଇଁ ଏବେ ଏକ ଗମ୍ଭୀର ସ୍ଥିତି ସୃଷ୍ଟି ହୋଇଛି। ଗଣମାଧ୍ୟମରେ ରାଜସ୍ୱ ଓ କର୍ମଚାରୀ ହ୍ରାସ ପାଇଛନ୍ତି। ସାମ୍ବାଦିକମାନେ ମହାମାରୀ ଦ୍ୱାରା ଆକ୍ରାନ୍ତ ହେଉଥିବା ଯୋଗୁ ଖବର ସଂଗ୍ରହ ବାଧାପ୍ରାପ୍ତ ହେଉଛି। ଏହା ସତ୍ତ୍ୱେ ସକାରାତ୍ମକ ଖବର ସଂଗ୍ରହ କରିବା ବର୍ତମାନ ସମୟର ଆବଶ୍ୟକତା ବୋଲି ସେ କହିଥିଲେ। କାର୍ଯ୍ୟକ୍ରମ ଶେଷରେ ଏକ ପ୍ରଶ୍ନୋତର ଅଧିବେଶନ ଆୟୋଜିତ ହୋଇଥିଲା। ଆଲୋଚନାରେ ଅଂଶଗ୍ରହଣ କରିଥିବା ଅତିଥିମାନେ ଅଂଶଗ୍ରହଣକାରୀମାନଙ୍କର ବିଭିନ୍ନ ପ୍ରଶ୍ନର ଉତର ଦେଇଥିଲେ। ଖବରକାଗଜ ଦ୍ୱାରା ସଂକ୍ରମଣ ଆଶଙ୍କା ଥିବା ନେଇ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେବା ପରେ ବିଭିନ୍ନ ସମ୍ବାଦପତ୍ରର ପ୍ରକାଶନ ଓ ମୁଦ୍ରଣ ପ୍ରଭାବିତ ହୋଇଛି। ଏଭଳି ସ୍ଥିତିରେ ଛାପା ଗଣମାଧ୍ୟମର ଭବିଷ୍ୟତ କ’ଣ ସେ ସମ୍ପର୍କରେ ପଚରାଯାଇଥିବା ଏକ ପ୍ରଶ୍ନର ଉତର ଦେଇ ସମ୍ପାଦକ ଶ୍ରୀ ସତପଥୀ କହିଥିଲେ ଯେ ଛାପା ଗଣମାଧ୍ୟମର ଏକ ସ୍ୱତନ୍ତ୍ର ବିଶ୍ୱସନୀୟତା ରହିଛି। ବର୍ତମାନ କିଛି ଲୋକ ଡିଜିଟାଲ ଗଣମାଧ୍ୟମ ମୁହାଁ ହୋଇଥିଲେ ବି ଭାରତ ଭଳି ଦେଶରେ ସବୁ ଲୋକଙ୍କ ପାଖରେ ଇଂଟରନେଟ ସଂଯୋଗ, କମ୍ପ୍ୟୁଟର, ସ୍ମାର୍ଟଫୋନ ଭଳି ସମ୍ବଳ ନଥିବାରୁ ଛାପା ଗଣମାଧ୍ୟମର ଗୁରୁତ୍ୱ ଅତି କମରେ ଆହୁରି ଦୁଇ ଦଶନ୍ଧି ପର୍ଯ୍ୟନ୍ତ ବଜାୟ ରହିବ। ଏହାଛଡ଼ା ଡିଜିଟାଲ ଗଣମାଧ୍ୟମରେ ବିଭିନ୍ନ ସମୟରେ ମିଥ୍ୟା ଖବର ପ୍ରସାରଣ ହେଉଥିବାରୁ ଛାପା ଗଣମାଧ୍ୟମର ଏକ ସ୍ୱତନ୍ତ୍ର ବିଶ୍ୱସନୀୟତା ପାଠକଙ୍କ ମନରେ ବଜାୟ ରହିଛି ବୋଲି ଶ୍ରୀ ସତପଥୀ କହିଥିଲେ। ପିଆଇବି, ଭୁବନେଶ୍ୱରର ଗଣଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ଚୌଧୁରୀ ଅତିଥି ପରିଚୟ ଦେବା ସହିତ ୱେବିନାରକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ ରାଜ୍ୟର ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ, ଗଣମାଧ୍ୟମର ପ୍ରତିନିଧି, ଛାତ୍ରଛାତ୍ରୀ, ଗବେଷକ ଓ ବୁଦ୍ଧିଜୀବୀମାନେ ଅଂଶଗ୍ରହଣ କରିଥିଲେ।



ମାଟିମନସ୍କ କଥକତା, ସ୍ମୃତି ସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀ ଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷା ବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ, ଔପନ୍ୟାସିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକମାନଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରିପକାଇବାର ସାମର୍ଥ୍ୟ ବହନ କରେ। ସଦା ସୃଜନମଗ୍ନ ଏଇ ଔପନ୍ୟାସିକଙ୍କର ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା ଓ ଭୁଷୁଡି ପଡୁଥିବା ସମ୍ପର୍କ ଏବଂ ମୂଲ୍ୟବୋଧ ପାଇଁ ଆଞ୍ଜୁଳା ଆଞ୍ଜୁଳା ଆହାପଣ। 'ସମ୍ପର୍କର ସୂତାଖିଅ' ଉପନ୍ୟାସ ତାଙ୍କର ଏକ ସାର୍ଥକ ସୃଷ୍ଟି, ଯାହା ପାଠକମାନଙ୍କୁ ଚମତ୍କୃତ କରିବ ବୋଲି ଆମର ବିଶ୍ୱାସ।

**କ୍ଷୀରୋଦ ଦାସ**

ଭାଗ-୧୭

# ସମ୍ପର୍କର ସୂତା ଖିଅ

**ଅ**ନେକ ଦିନ ଧରି ସ୍ତୁପୀକୃତ ହୋଇ ରହିଥିବା କୋହଗୁଡାଏ ସତେ କି ଆତ୍ମପ୍ରକାଶ କରିବାକୁ ବ୍ୟାକୁଳ ହୋଇ ଉଠୁଥିଲେ। ବୋଉ ଓ ମାମିନା ଅପାର ମୁହଁ ଦେଖାଯାଉଥିଲା ଥମ୍‌ଥମ୍ ଭୋର୍‌ରୁ କୁଆଡ଼େ ବାହାରିଯାଇ ସନାତନ ଫେରିଆସି ବସିଥିଲେ ବାରି ପିଣ୍ଡାରେ, ନଡିଆଗଡ ଉପରକୁ ଅନାଇ। ସେଘରେ ସୁରେନ୍ଦ୍ର ପ୍ୟାଣ୍ଟ ସାର୍ଟ ପିନ୍ଧୁଥିଲା। ଅନେକ ବେଳଠାରୁ ଡ୍ରେସ୍ ପିନ୍ଧି ସଜବାଜ ହୋଇ ବସିଥିଲା ମମତା।

'ଯାହା ତ କଲ କଲ, ଗଲାବେଳେ ବାପାବୋଉଙ୍କୁ ଟିକେ ମୁଣ୍ଡିଆ ମାରି ଯିବ। ନା ସେତକ ବି ମତେ କହବିାକୁ ପଡିବ? - ସାର୍ଟରେ ବୋତାମ ଦେଉ ଦେଉ କହିଲା ସୁରେନ୍ଦ୍ର।

'ମୁଁ କ'ଣ ଛୁଆପିଲା ହେଇଚି ନା କ'ଣ ମତେ ଏଗୁଡା ଶିଖାଉଚ? - ସୁରେନ୍ଦ୍ର ମୁହଁକୁ ଚାହିଁ ମମତା ପଚାରିଲା।

ସୁରେନ୍ଦ୍ର କହିଲା - ନା, ଅନେକ କଥା ଅଛି, ଯାହାକୁ ଅନେକ ଲୋକ ଅନେକ ବୟସ ପର୍ଯ୍ୟନ୍ତ ଜାଣି ନଥା'ନ୍ତି। ଜାଣିଥିଲେ ବି ନ ଜାଣିବାର ଛଳନା କରନ୍ତି। ସେଇଥିପାଇଁ କହିଲି।

ମମତାର ମୁହଁ ଲାଲ୍ ପଡ଼ିଗଲା। ସେ କ'ଣ ଗୋଟାଏ କହିଆସୁଥିଲା ବେଳେ ବୋଉ ପଶି ଆସିଲା ସେ ଘର ଭିତରକୁ। ସୁରେନ୍ଦ୍ରର ଲୁଙ୍ଗି ତଉଲିଆ ଭାଙ୍ଗିଭୁଙ୍ଗି ରଖୁରଖୁ ବୋଉ କହିଲା- ସେ'ଠି ପହଞ୍ଚି ଚିଠି ଦବୁ। ଆର ମାସ ଆଡ଼କୁ ବୋହୂକୁ ଆଣି ଘରୁ ଟିକେ ବୁଲିଯିବୁ...

ତା' କଥା ଅଧାରଖି ସୁରେନ୍ଦ୍ର କହିଲା - ସେ ଘରକୁ ଟିକେ ଆସ ତ ବୋଉ!

କଥା ଅଛି!

ବୋଉ ବସିଥିଲା ସୁରେନ୍ଦ୍ର ପାଖରେ। ଠପ୍ ଠପ୍ ଦୁଇବୁନ୍ଦା ଲୁହ ଝରିଆସିଲା ସୁରେନ୍ଦ୍ର ଆଖିରୁ। ବୋଉର ହାତ ଦୁଇଟିକୁ ମୁଠାଇ ପକାଇ ସେ କହିଲା- 'ବୋଉ, ତୁ ରାଗିଛୁ କି ମୋ ଉପରେ? ବାପା ବି?'

ଚହଲିଗଲା ଗୋଟ ଭଙ୍ଗା ଦେହ। ଅସଂଖ୍ୟ କୋହର ତରଙ୍ଗ ପହଁରିଗଲା ସେ ଦେହ ଉପରେ। ମୁହଁର କୁଞ୍ଚିତ ଚର୍ମ ଆହୁରି କୁଞ୍ଚିତ ହେଲା। କାନ୍ଦକାନ୍ଦ ହୋଇ ବୋଉ ଧୀରେ କହିଲା- ମୋ ବାଇଆରେ, ତୋରି ପାଇଁ ମୋର ରାତି ଦିନ ଚିନ୍ତା। ସିଏ ତ ବଡ ଲୋକିଆ ଝିଅ। ବାପା ମା'ଠାରୁ ଲୁଚି ପଳେଇ ଆସିଛି। କ'ଣ ନାଇଁ କ'ଣ ଘଟିବ, ସେଇକଥା ଭାବି ଭାବି ମା ପେଟକୁ ଭାତ ଯାଉ ନାଇଁ। ପାଖରେ ଥେଲୁ, ଦେଖୁଥେଲି। ଏବେ ସେଠି କେମିତି ରହିବୁ, କ'ଣ କରିବୁ? ବୋହୂର ସ୍ୱଭାବ ତ ଦେଖିଲୁ। ଏଣିତି ତୋ କପାଳ!"

"ଯାହା ମୋ ଭାଗ୍ୟରେ ଥିବ। ତୁ ଜମା ଅଧୀର ହ'ନା। ବାପାଙ୍କୁ ଟିକେ ବୁଝେଇ ଦେ'। ମା କର୍ମଫଳ ନେଇ, ଭାଗ୍ୟକୁ ଆଦରି ମୁଁ ଯାଉଛି, ତେଣିକି ଯାହା ହେବ। ହେଲେ ତୁ ଆଉ କା'ନ୍ଦେନା ବୋଉ। ଜୀବନ ସାରା ତୁ ଅନେକ କାନ୍ଦିଛୁ...! - ନିଜେ କଇଁ କଇଁ ହୋଇ କାନ୍ଦି ଉଠିଲେ।

ବୋଉ ଓ ମାମିନା ଅପା ବି ଭୋ ଭୋ ହୋଇ କାନ୍ଦି ଉଠିଲେ।

ବାପା ବୋଉଙ୍କୁ ପ୍ରଣାମ କରି, ଘରର ମାଟି, ଗଛ, ଆକାଶ ଓ ମଣିଷମାନଙ୍କୁ ଶୋକ ସମୁଦ୍ର ଭିତରେ ବୁଡାଇଦେଇ ପୁଅବୋହୂ ଦୁହେଁ ବାହାରିଗଲେ ସକାଳେ ନ'ଟା ବେଳକୁ।

ସେତେବେଳେ କେମିତି ଦେଖାଯାଉଥିଲା ବୋଉର ମୁହଁ? ବାପାଙ୍କ ମୁହଁ? ମାମିନା ଅପାର ମୁହଁ?

ନନ୍‌ଷ୍ଟପ୍ ବସ୍‌ରେ ଶୋଇଯାଇଥିଲା ମମତା, ଯେମିତି ସେ ଗୋଟାଏ ଯୁଗ ଶୋଇ ନାହିଁ। ବାହାରର ଦୃଶ୍ୟ ଆଡକୁ ଅନାଇ ଚିନ୍ତା ଭିତରେ ବୁଡିଯାଇଥିଲା ସୁରେନ୍ଦ୍ର।

ଦିନ ବରଟା ବେଳକୁ ସେମାନେ ପହଞ୍ଚିଲେ ପ୍ରାୟ ଦେଢ଼ ମାସ ହେଲା ଛାଡ଼ି ଯାଇଥିବା ଭଡ଼ାଘରେ। "ସଙ୍ଗୀତ ଶିକ୍ଷା କେନ୍ଦ୍ର" ବୋଲି ଲେଖା ହୋଇଥିବା ବୋର୍ଡଟା ଭାଙ୍ଗି ତଳେ ପଡିଛି। ଅକ୍ଷରଗୁଡା ଆଉ ଦେଖାଯାଉନାହିଁ। ଆଜବଷ୍ଟସ୍ ଘରଟିର ଚାରିପଟେ ଉଠିଯାଇଛି ଅନେକ ଅନାବନା ଗଛ। କବାଟ ଝରକା ସାରା ଉଛ ଚଢ଼ିଯାଇଛନ୍ତି। ଦୁଆର ଆଗରେ ଗାଇ ବଳଦଙ୍କ ଗୋବର ଜମିଛି ଦୁଇଚାରି ଠା'।

ଗୋଟାଏ ମୁମୂର୍ଷୁ ଆର୍ତ୍ତନାଦ କରି କବାଟ ଖୋଲିଲା। ଆଗେ ଆଗେ ସୁରେନ୍ଦ୍ର ଓ ପଛେ ପଛେ ମମତା। ଘର ଭିତରୁ ପିଚିକି ଆସୁଥିଲା ତୀବ୍ର ଏକ ଉଷୁମୁଳିଆ ଗନ୍ଧ। ଖଟ ଉପରେ ପଡିଥିବା ସପ ବର୍ଷାପାଣିରେ ଓଦା ହୋଇ ଫିମ୍ପି ମାରିଯାଇଥିଲା। ଅସରପା, ମୂଷା, ଚୁଚୁନ୍ଦ୍ରାମାନେ ଘର ଭିତରକୁ ପରିଣତ କରି ସାରିଥିଲେ ସେମାନଙ୍କ ଖେଳା ପଡିଆରେ।

ଅନେକ ଯୁଗର କ୍ଳାନ୍ତିକୁ ମେଣ୍ଟାଇବା ପାଇଁ ଖଟ ଉପରେ ଲଥ୍ କରି ଗଡିଗଲା ମମତା। ଏୟାରବ୍ୟାଗ୍ ଓ ଆଟାଚ୍‌କୁ ଚଟାଣର ଗୋଟିଏ କୋଣରେ ରଖି ସୁରେନ୍ଦ୍ର ପ୍ୟାଣ୍ଟ ସାର୍ଟ ବଦଳିଲା ଏବଂ ପ୍ରସ୍ତୁତ ହେଲା ଘର ସଫା କରିବା ପାଇଁ।

ସଫାସଫି ସରୁସରୁ ଚାରିଟା। ସୁରେନ୍ଦ୍ର ଗାଧୋଇ ପ୍ୟାଣ୍ଟ ସାର୍ଟ ପିନ୍ଧିଲା ଏବଂ ଛକ ପାଖ ହୋଟେଲରୁ ଖାଇବାକୁ ଆଣିବାକୁ ବାହାରିଗଲା। ସେଆଡେ ପ୍ରଦୀପ ପାଖକୁ ଫୋନ୍ କରି ଜଣାଇଦେଲା ତା' ଫେରି ଆସିବାର ଖବର।

ସଂଧ୍ୟା ଠିକ୍ ସାଢ଼େ ଛ'ଟା ବେଳକୁ ପ୍ରଦୀପ ଆସି ପହଞ୍ଚିଲା ତା ବୁଲେଟ୍ ମଟର ସାଇକେଲ ଧରି। ପ୍ରଥମେ ସମ୍ଭାଷଣ ଜଣାଇଲା ମମତକୁ - "ଭାଉଜ, ନମସ୍କାର!

'ଭାଉଜ' ଶବ୍ଦଟି ସୃଷ୍ଟିକଲା ଏକ ଅନନ୍ୟ ତରଙ୍ଗ ମମତା ମୁହଁରେ। ସେ ତରଙ୍ଗରୁ ସୃଷ୍ଟିହେଲା ଚେନାଏ ହସ, ଯାହା ସ୍ଥଗିତ ଥିଲା ପ୍ରାୟ ଦେଢ଼ମାସ ଧରି।

- କ'ଣ ଚା' ଫା ଟିକେ ମିଳିବ ନ ନାଇଁ? -ପଚାରିଲା ପ୍ରଦୀପ ହସି ହସି।

'ଏ ଘରେ ଚା' ସରଞ୍ଜାମ ଅଛି କି? - ମମତା ଭାବିଲା-କେଜାଣି? ସମ୍ପୂର୍ଣ୍ଣ ରାତିଟିଏ ବି ସେ ରହିନାଇଁ ଏ ଘରେ। ଅଧରାତିରେ ଝଡ ପରି ଆସିଲା, ସେଇ ରାତିରେ ଚାଲିଗଲା। କହିଲା- 'ଆଜି ଆପଣ ବାହାରୁ ଚଳେଇ ନେଇଥା'ନ୍ତୁ। କାଲି ନିଶ୍ଚୟ ମିଳିବ।"

ଦୁଇବନ୍ଧୁ ବସିଥିଲେ ବାରଣ୍ଡାରେ। ଅନ୍ଧାରରେ। ଘର ଭିତରେ ଜଳୁଥିଲା ମହମବତୀ। ଅନେକ ଦିନୁ ଇଲେକ୍‌ଟ୍ରିକ୍ ଲଇନ୍ କଟି ଯାଇଥିଲା ଘରୁ। ଖଟ ଉପରେ ଅଧାଶୁଆ ହୋଇ ମମତା ବସିଥିଲା ଆଜବେଷ୍ଟସ୍ ଛାତକୁ ଚାହିଁ।

ସିଗାରେଟ୍ ଖଣ୍ଡିଏ ଲଗାଇ ପ୍ରଦୀପ ପଚାରିଲା, -ଆଉ କ'ଣ ଖବର କହ! ଘରେ ସମସ୍ତେ ଭଲ ଅଛନ୍ତି ଟି!"

ସୁରେନ୍ଦ୍ର ନିରବ। ସତେ କି ପ୍ରଦୀପର କଥା ସେ ଶୁଣିପାରିନାହିଁ। ପ୍ରଦୀପ କଥାଟିକୁ ଏହିପରି ପଚାରିଲା, ଅଥଚ ତା' ଅସଲ ପ୍ରଶ୍ନଟି ଥିଲା- "ବାପା ବୋଉ କିପରି ଗ୍ରହଣ କଲେ ମମତାକୁ? ମମତା କିପରି ଗ୍ରହଣ କଲା ତାଙ୍କୁ?"

ସୁରେନ୍ଦ୍ର ନିରବ। ନିରୁତ୍ତର।

କିଛି କହୁନୁ ଯେ? -ଟିକେ ଜୋର୍ ଦେଇ ପଚାରିଲା ପ୍ରଦୀପ।

ସୁରେନ୍ଦ୍ର ଚାହିଁଲା ପ୍ରଦୀପକୁ। ସେ ଚାହାଣୀରେ ଲେଖି ହୋଇ ରହିଥିଲା ଅନେକ କଥା, ଅନେକ ବ୍ୟଥା। ସେ ନିରବତା ଥିଲା ଯଥେଷ୍ଟ ଭାଷାମୟ। କଣ୍ଠକୁ ଟିକେ ସଫାକରି ସେ କହିଲା - ସେ' କଥା ପରେ। ଏବେ ତୁ କହ, ଏଠିକା ଖବର କ'ଣ?

-ଏଠିକା ଖବର? ମାନେ? - ଆଶ୍ଚର୍ଯ୍ୟ କଣ୍ଠରେ ପଚାରିଲା ପ୍ରଦୀପ।

- "ମମତା ଏବେ କେଉଁଠି, ତା ଘର ଲୋକ ଜାଣିଛନ୍ତି ନା ନାଇଁ? ସେମାନଙ୍କୁ ଏ ବିଷୟରେ ଖବର ଦେବା ଠିକ୍ ହେବ ନା ନାଇଁ? ତୁ କ'ଣ ଭାବୁଛୁ?

-ସୁରେନ୍ଦ୍ର କହିଲା।

ପ୍ରଦୀପ ହସିଲା ଏକ ରହସ୍ୟମୟ ହସ। କହିଲା- "ମୁଁ ଜାଣିଥିଲି ତୁ ଚୁପ୍‌ଚାପ୍ ମଣିଷଟିଏ। ହେଲେ ତୁ ଯେ ନିରୋଳା ନିର୍ବୁଦ୍ଧିଆଟା, ଏକଥା ଜାଣିନଥିଲି। ବନ୍ଧୁ, ମମତାର ବାପା ଜଣେ ଇଣ୍ଡଷ୍ଟ୍ରିଆଲିଷ୍ଟ। ଦୁଇଟା ନୁହେଁ, ତାଙ୍କର ହଜାରେ ଆଖି। ମମତା ନିରୁଦ୍ଦିଷ୍ଟ ହେବାର ବାରଘଣ୍ଟା ଭିତରେ ସେ ଜାଣିଗଲେ ଏ ବ୍ୟାପାର।"

ସୁରେନ୍ଦ୍ରର ଆଖି ବିସ୍ଫୋରିତ ହୋଇଗଲା। ପ୍ରଦୀପର କଥାକୁ ସେ ବିଶ୍ୱାସ କରିପାରିଲେନି।

କ'ଣ ମୋ କଥା ବିଶ୍ୱାସ ହେଉନି? - ପ୍ରଦୀପ କହିଲା- "ତୁମେ ଦୁଇଜଣ ଗାଏବ୍ ହେବାର ପରଦିନ ସେ ଟେଲିଫୋନ୍ କରିଥିଲେ ଆମ ଘରକୁ। କୌଣସି ସୂତ୍ରରୁ ସେ ଜାଣିଥିଲେ ତୋର ମୋର ଘନିଷ୍ଠତା। ଫୋନ୍‌ରେ ସେ ଡାକିଥିଲେ ମତେ, ତାଙ୍କ ଘରକୁ।

ଘର ଭିତରେ ଥାଇ ମମତା କାନ ଡେରି ଶୁଣୁଥିଲା ଏମାନଙ୍କ ବାର୍ତ୍ତାଳାପ।

(କ୍ରମଶଃ)

---

# ପାପପୁଣ୍ୟ



ମୂଳହିନ୍ଦୀ- ରତନ ରାଠୋର

ଅନୁକୃତି- ବିନୟ କୁମାର ଦାସ

**ପ୍ରା**ତଃଭ୍ରମଣ କାଳରେ ପ୍ରାୟ ମୁଁ ଦେଖେ କିଛି ଭଦ୍ରଲୋକ ଆଉ ଭଦ୍ରମହିଳା ରାସ୍ତାକଡକୁ ଯାଇ ଧାଡିବାନ୍ଧି ଚାଲୁଥିବା ନାଲି ପିମ୍ପୁଡିମାନଙ୍କୁ ଚିନିମିଶା ଅଟା ଖାଇବାକୁ ଦେଉଥାନ୍ତି । ମୁଁ ମନେମନେ ଚିନ୍ତା କରେ ଯାହା ହେଉ ସକାଳ ଚାଲିବା ସହିତ କିଛି ତ ପୁଣ୍ୟ ଅର୍ଜନ କରିପାରୁଛନ୍ତି ସେମାନେ । ଠାକୁର ଦେଖା ସହିତ କଦଳୀ ବିକା ବି ହୋଇଯାଉଥାଏ । କିନ୍ତୁ ଏହା ବି ଲକ୍ଷ୍ୟ କଲି ଯେ ସେମାନେ ଏହି ପୁଣ୍ୟକର୍ମ କରୁଥିଲା ବେଳେ ସେମାନଙ୍କ ପାଦ ତଳେ ବି କିଛି ପିମ୍ପୁଡିଙ୍କର ସଦ୍ ଗତି ହୋଇଯାଉଥାଏ । ବୋଧହୁଏ ଏତକ ସେମାନେ ଜାଣି ପାରୁ ନଥାନ୍ତି ।

ଦିନେ ଭେଟ ହୋଇଗଲା ଆମ ପଡୋଶୀ ରାମରତନବାବୁଙ୍କ ସହିତ । ସେ ବି କିଛି ଚୂର୍ଣ୍ଣ ପିମ୍ପୁଡିମାନଙ୍କୁ ଖୁଆଉଥିଲେ ।

" ଆରେ ରତନବାବୁ..କଣ ହାଲଚାଲ ? ବହୁତ ଦିନ ହେଲା ଦେଖାସାକ୍ଷାତ ନଥିଲା ଯେ?"

" ଝିଅ ଘରକୁ ଯାଇଥିଲି , ରହିଗଲି କିଛିଦିନ। ତାପରେ ଦେହ ପା' ଭଲ ରହୁନି ସେତେ..। ଆପଣ କେମିତି ଅଛନ୍ତି ? ସବୁ କୁଶଳ ତ?"

" ହଁ..ଚାଲିଛି ପ୍ରଭୁଙ୍କ ଦୟାରୁ । ଆପଣ ତ ପିମ୍ପୁଡିମାନଙ୍କୁ ପ୍ରାତଃଭୋଜନ କରାଇ ଦେଉଛନ୍ତି। ଭଲ କଥା ।"

" କଥା କଣ କି...ଏବେ ମୋର ଟିକେ ଖରାପ ସମୟ ଚାଲିଛି । ଗ୍ରହଚଳନ ରେ କିଛି ଅସୁବିଧା ରହୁଛି । ତେଣୁ ଭାବିଲି , ଏହି କାମ କଲେ ଯଦି କିଛି ପ୍ରତିକାର ହୋଇଯାଇପାରିବ । ତତ୍ ସହିତ କିଛି ପୁଣ୍ୟ ବି ଅର୍ଜନ ହୋଇଯିବ ।" ବହୁତ ପ୍ରସନ୍ନମୁଦ୍ରାରେ କହିଲେ ସେ ।

" ହଁ ତା ଠିକ୍ ଯେ.. ଯେଉଁ ପରିମାଣରେ ସମସ୍ତେ ସେମାନଙ୍କୁ ମିଠାଚୂର୍ଣ୍ଣ ଖୁଆଉଛନ୍ତି..ମୋତେ ତ ଜଣାଗଲାଣି ସେମାନଙ୍କୁ ଡାଇବେଟିସ୍ ହୋଇଯିବ । ହେହେହେ...।" ପରିହାସ ଛଳରେ କହିଲି ଏତକ । ସେ ବି ହସିଦେଲେ ।



"ଆଉ କେତେବେଳେ ସମୟ କାଢି ଆମ ଘରଆଡେ ବୁଲିଆସନ୍ତୁ । ସାଂଗରେ ବସି ଚା ପିଇବା । " ତାଙ୍କୁ ସମ୍ମତି ଜଣାଇ ମୁଁ ଆଗକୁ ଚାଲିଲି ।

ତହିଁ ପରଦିନ ସତକୁ ସତ ମୁଁ ଚାଲି ଆସିଲି ତାଙ୍କ ଘରକୁ । ହେଲେ ସେ ସେତେବେଳେ ଯେଉଁ କାମ କରୁଥିଲେ ସେତକ ଦେଖି ମୁଁ ଚମକି ପଡିଲି ।

" ଆରେ ..ଆପଣ ଏ କଣ କରୁଛନ୍ତି ?"

" କଣ କରିବି କହିଲେ ? ଘରେ ଏତେ ପରିମାଣରେ ପିମ୍ପୁଡି ହୋଇଯାଇଛନ୍ତି ଯେ ... ସେହିମାନଙ୍କୁ ମାରିବା ସକାଶେ କୀଟାଣୁନାଶକ ସ୍ପ୍ରେ କରୁଛି ।" ବହୁତ ଶାନ୍ତସ୍ୱରରେ କହିଲେ ସେ । ମୁଁ ନିର୍ବାକ ହୋଇଗଲି ତାଙ୍କ କଥାଶୁଣି । ଭାବୁଥିଲି ସେଠି ସେ ଯେଉଁମାନଙ୍କୁ ଖାଇବାକୁ ଦେଉଥିଲେ ପୁଣ୍ୟ ପାଇଁ..ଏଠି ସେ ସେହିମାନଙ୍କୁ ନିର୍ମମଭାବରେ ହତ୍ୟା କରିଚାଲିଛନ୍ତି । ଏହା ପାପ କି ପୁଣ୍ୟ ସେଇ ଈଶ୍ୱର ହିଁ କେବଳ ଜାଣିଥିବେ ।

*ଅନାମିକା ନୀଡ, ଅଂଗାରଗଡିଆ*
*ବାଲେଶ୍ୱର-୭୫୬୦୦୧*

---

# ବିଶେଷ କବିତା

# ଭାରତ



ସ୍ୱପ୍ନା ମିଶ୍ର

**ସେ** ଶୋଇଥାଏ
ଗୋଟେ ଭଙ୍ଗା ଦଦରା
ଝାଟିମାଟିର କୁଡିଆ ଘରେ।
ଛିଣ୍ଡାକନ୍ଥା, ମଇଳା ଚାଦର ଓ
ରୋଗବ୍ୟାଧିର ମୁଟୁଳାଟାଏ ଥାଏ
ତା ମୁଣ୍ଡ ଉପରେ।

ଏଇ ଏବେ ଏବେ
ଦାରିଦ୍ର୍ୟର ଜାତୀୟ ମେଳାରେ
ସେ ସଉଦା ସାରି ଫେରିଥାଏ ସେ,
ତା, ଜମି, ଭୂମି ଓ ଜଙ୍ଗଲ
ତା ପାଣି, ଖଣି
ତା ମା ଓ ଭଉଣୀଙ୍କ ଇଜ୍ଜତକୁ
ଶାଗମାଛ ଦରରେ କିଣି ନେଇଥାନ୍ତି
ରାଜନୀତିକ ସଉଦାଗର।

ଗର୍ଭବତୀ ପକ୍ଷୀ ବସାରୁ ଯେଉଁମାନେ
ଓଟାରି ଆଣନ୍ତି କାଠିକୁଟା
ବୃକ୍ଷଛେଦି ଦେଖାନ୍ତି ତାକୁ
ମାୟାବୀ ହରିତ୍‌ଅରଣ୍ୟର ସ୍ୱପ୍ନ।

ସେ ସ୍ୱପ୍ନ ଦେଖୁଥାଏ
ମୁଣ୍ଡଥାଏ ତାର ମୁଟୁଳା ଉପରେ।



କୋର୍ଟ ଦୁଆରେ ଚକକର କାଟୁଥାଏ ସେ ଦିନସାରା,
ତା ନାଆଁରେ ଥାଏ ପୋଡାଜଳାର ଆରୋପ,
ଜୋରିମାନା ଲାଗିଥାଏ।

ମୋକଦ୍ଦମାର ଚାଲିଥାଏ ଶୁଣାଣି ପରେ ଶୁଣାଣି
ନିଜ ପାଇଁ ସାକ୍ଷୀ ଯୋଗାଡ
କରିପାରୁ ନଥାଏ ସେ।
ତା ପାଖରେ ଅବଶିଷ୍ଟ ଥିବା ମଣିଷପଣିଆକୁ
ସାକ୍ଷୀ କରିବ ଭାବୁଥାଏ ସେ
ତଥାପି ନିଶ୍ଚିତ ହେଇସାରିଥାଏ ତାର ପରାଜୟ।

ତାରି ସାମ୍ନାରେ କୋର୍ଟରୁ ବାହାରି
ରଥରେ ଚଢ଼ି ଚାଲିଯାଆନ୍ତି ବିନଷ୍ଟକାରୀମାନେ।
ସେ ପାଟି ଫିଟେଇ
ଶବ୍ଦଟେ ବି କହିପାରୁ ନଥାଏ।

ନିଆଁ ଧୂଆଁରେ ଅସ୍ପଷ୍ଟ ଆକାଶ ଆଡକୁ ଚାହିଁରହେ,
ଗୃହଦାହ ଓ ରକ୍ତପାତରେ ଲତ୍‌ପତ୍
ମାଟି ଉପରେ ଯୋଗାଡ ଚାଲିଥାଏ ରାଜଭିଷେକର।

ଭୟାନକ କୁତ୍ସିତ ଦିଗର ମାନଙ୍କୁ ନେଇ
ଅଙ୍କା ଚାଲିଥାଏ ସାଂସ୍କୃତିକ ଝେଟି
ନରସଂହାରର ଭୋଜି ଓ
ଭୟର ଆତସବାଜି ସହ ଚାଲିଥାଏ ରାଜତିଳକ।
ହଁ, ହଠାତ୍ ତା ଭିତରେ
କମମୋଡି ଉଠେ ସାଂଘାତିକ ଉଚ୍ଛା
ସେ ଉଠି ପଡେ
ପ୍ରାୟ ଅଧାଜାଗ୍ରତ ଓ ଅଧା ସ୍ୱପ୍ନରୁ।

ଚିତ୍କାର କରେ
ମତେ ତୁମେ କେବଳ ବ୍ୟବହାର କରିପାରିବନି
ଉପଯୋଗୀତାବାଦୀ ମାନଙ୍କର
ମୁଁ ସମ୍ପୂର୍ଣ୍ଣ ବିରୋଧି।
ନା ଆଦୌ ନୁହେଁ
ନା ଆଦୌ ନୁହେଁ।

ପ୍ଲଟ ନଂ-୧୨୦୩/ସି, ନୀଳକଣ୍ଠ ନଗର,
ନୟାପଲ୍ଲୀ, ଭୁବନେଶ୍ୱର-୧୨

---

# ଦୁର୍ନୀତି



ବିଳାସ ବେହେରା



**ଏ**ଇ ସଂସାରର ଦୁର୍ନୀତି ଖବର
କେତେ ମୁଁ ପଢିବି ବନ୍ଧୁ
ଦୁର୍ନୀତିର ବାରି ବରଷି ବରଷି
ପାଲଟି ଗଲାଣି ସିନ୍ଧୁ।
ଖବର କାଗଜ, ମିଡିଆରେ
ପ୍ରସାରଣ ହୁଏ ନିଇତି (ସବୁଦିନ)
ଲାଗେ ସତେ ଅବା ଦୁନିଆରେ କଣ
ଦୁର୍ନୀତି ସାଜିଛି ନୀତି।
ଆମ୍ବେଦକରଙ୍କ ତତ୍ତ୍ୱାବଧାନରେ
ନୀତି ହେଲା ନିର୍ଦ୍ଧାରଣ
ଲୋକ ଚରିତ୍ରକୁ ଆଖି ଆଗେ ରଖି
ଗଢ଼ିଥିଲେ ସମ୍ବିଧାନ।
ଚୋର, ଅପରାଧୀ, ଗୁଣ୍ଡା, ଦାଦାଗିରି
ଧର୍ଷଣକାରୀକୁ ସଜା
ଲୋକ ଅପବାଦ ଚାହି ଟାପରାକୁ
ଲାଗୁଥିଲା ତାଙ୍କୁ ଲଜ୍ଜା।
ବନ୍ଦୀ ଘରୁ ଫେରି ମନ ବଦଳାଇ
ହେଉଥିଲେ ସୁ ମଣିଷ
କେତେ ବାଛୁଥିଲେ ଆତ୍ମହତ୍ୟା ବାଟ
କେତେ ଛାଡୁଥିଲେ ବାସ।
ଜେଲଦଣ୍ଡ ନୀତି ହେଲାରି କୋହଳ
ଏବେ ଲାଗୁଅଛି ମଜା
ଶଶୁର ଘରକୁ ଜ୍ୱାଇଁ ଗଲାପରି
ସବୁ ଦ୍ରବ୍ୟ ହୁଏ ଖଞ୍ଜା।
ଏବେ ହୋଇଗଲା କମ୍ପ୍ୟୁଟର ଯୁଗ
ରିମୋଟରେ କାମ ହେଲା
ଉନ୍ନତ ମାନର ବନ୍ଧୁକ ମିଳିଲା
ଠେଙ୍ଗା ଅବସର ନେଲା।
ଲାଇସେନ୍ସ ଦୋକାନୁ ମଦ ପିଇ ଗୁଣ୍ଡା
ଇଜ୍ଜତ ଲୁଟନ୍ତି ବାଟେ
ମନ ବୁଝିବାକୁ ପଥୀରଥ ବୁଲେ
ଦେବ ରଥ ପରିବର୍ତ୍ତେ।
ଘଞ୍ଚ ଜଙ୍ଗଲରେ ଗଞ୍ଜେଇ ଗଛକୁ
ଚିହ୍ନି ଦେଉଛନ୍ତି ଜାଳି
ମାଓବାଦୀ କ୍ୟାମ୍ପ ଆଖିରେ ପଡିଲେ
ଦେଉଛନ୍ତି ତାକୁ ଟାଳି।
ଲାଞ୍ଚ-ପି.ସି. ଆଗେ ହାରି ଯାଇଅଛି
ଆଇନ କାନୁନ ସବୁ
ସ୍ମାର୍ଟସିଟିର ଚେହେରା ବଦଳେ
ଜଳେ ହୁଏ ଉବୁଟୁବୁ।
ବୁଦ୍ଧିଜୀବୀମାନେ ଆଗେଇ ଆସନ୍ତୁ
ଦେଶକୁ କରନ୍ତୁ ସୁନା
ଦୁର୍ନୀତି ବିହୀନ ରାଜ୍ୟ ଗଢ଼ିବାରେ
ହୁଅ ସବୁ ଦୃଢ଼ମନା।

*ବନ୍ତୁଣିଆଁ, ବେଣ୍ଟକାର,*
*୪୧ ମୌଜା, କଟକ*

---










**କୁମାର ଅଭିଳାଷ**
ଷ୍ଟାଣ୍ଡାର୍ଡ-୨
ଡିଏଭି ପବ୍ଲିକ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର

---

# ଓଦା ମାଟିର ମହକ



ନିବେଦିତା ମହାନ୍ତି



**ପ୍ର**ଜାପତି ଡେଣାଝାଡି
ଉଡିଗଲା ପରେ
ବରଷାର ବୁନ୍ଦା ସବୁ
ଝରିଗଲା ପରେ
ଓଦାମାଟିର ମହକ
ମତୁଆଲା କରେ
ତୁମକଥା ମୋର ଏବେ
ଭାରି ମନେ ପଡେ।
ଅକାଶରେ ଇନ୍ଦ୍ରଧନୁ
ବିଭା ଯେବେ ଦିଶେ
ତୁମ ସେହି ପ୍ରେମରଙ୍ଗେ
ଭିଜିବାର ଆଶେ।
କଳ୍ପନାର ଫୁଲ ଫୁଟେ
ଖିଆଲି ମନରେ
ଆସିବାର କଥା ଥିଲା
ଗଲା ଫଗୁଣରେ।
ତୁମ ଆଖି ମୋ ଆଖିରେ
ଯେବେ ମିଶିଯାଏ
ସ୍ମିତ ହସ ତୁମ ଓଠେ
ଲାଖି ରହିଥାଏ।
ଦୂରେଥାଇ ତୁମ କଥା
ନିତି ଭାବୁଥାଏ
ତୁମ ସ୍ୱପ୍ନେ ନିତି ହଜି
ମୁଁ ଯେ ଭିଜୁଥାଏ।

*ଶାସ୍ତ୍ରୀନଗର, ଭୁବନେଶ୍ୱର*

ଏକମାତ୍ର
EKAMAATRA
ଅନୁସନ୍ଧାନ ପରେ ଖବର
ପରିକ୍ରମା
ଭୁବନେଶ୍ୱର, ୨୦ - ୨୬ ଜୁଲାଇ, ୨୦୨୦


## ଘରୋଇ ହସ୍ପିଟାଲକୁ ଚେତାବନୀ

# ହଟ୍‌ସ୍ପଟ୍ ଜିଲ୍ଲାର ରୋଗୀଙ୍କୁ ଫେରାଇ ପାରିବେନି ହସ୍ପିଟାଲ

**ଭୁବନେଶ୍ୱର :** ଘରୋଇ ହସ୍ପିଟାଲ ଓ କ୍ଲିନିକ୍‌କୁ ରାଜ୍ୟ ସରକାରଙ୍କ ଚେତାବନୀ। ରାଜ୍ୟର କରୋନା ହଟ୍‌ସ୍ପଟ୍ ଜିଲ୍ଲାରୁ ଆସୁଥିବା ରୋଗୀଙ୍କୁ ଚିକିତ୍ସା ନକଲେ ହେବ କଠୋର କାର୍ଯ୍ୟାନୁଷ୍ଠାନ। ମେଡିକାଲକୁ ଆସୁଥିବା ରୋଗୀଙ୍କୁ ଚିକିତ୍ସା ନକରି ଫେରାଇ ଦେବା ହେଉଛି ଅପରାଧ। ଏଣୁ ଯଦି କୌଣସି ଘରୋଇ ହସ୍ପିଟାଲ କିମ୍ବା କ୍ଲିନିକ ଯଦି କୌଣସି ରୋଗୀକୁ ଚିକିତ୍ସା ନକରି ଫେରାଇ ଦିଏ ତେବେ ତା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏନେଇ ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଟ୍ୱିଟ୍ କରି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ରାଜ୍ୟରେ କରୋନା ହଟ୍‌ସ୍ପଟ୍ ଥିବା ଜିଲ୍ଲାମାନଙ୍କରୁ ଚିକିତ୍ସା ପାଇଁ ସହରକୁ ଆସୁଥିବା ରୋଗୀଙ୍କୁ ଘରୋଇ ହସ୍ପିଟାଲ ଓ କ୍ଲିନିକ୍ ଗୁଡିକ କରୋନା ସଂକ୍ରମଣ ଭୟରୁ ଚିକିତ୍ସା ନକରି ଫେରାଇ ଦେଉଥିବା ଅଭିଯୋଗ ହୋଇଥିଲା। ଯାହାକୁ ମୁଖ୍ୟ ଶାସନ ସଚିବ ଗୁରୁତର ସହ ନେଇ ଆଜି ଏହି ନିର୍ଦ୍ଦେଶ ଦେଇଛନ୍ତି। ଯଦି ରାଜ୍ୟରେ ହଟସ୍ପଟ ଜିଲ୍ଲାରୁ ଆସୁଥିବା ରୋଗୀଙ୍କୁ କୌଣସି ହସ୍ପିଟାଲରେ ଆଡମିସନ ନକଲେ କଡା କାର୍ଯ୍ୟାନୁଷ୍ଠାନ ହେବ। ରୋଗୀଙ୍କୁ ମେଡିକାଲରେ ଆଡମିଶନ କରିବା ବେଆଇନ ତେଣୁ ଏସବୁ କରୁଥିବା ହସ୍ପିଟାଲ ଏବଂ କ୍ଲିନିକ ଉପରେ ଆକ୍ସନ ନିଆଯିବ। ଏନେଇ ୧୦୦ ନମ୍ବରକୁ ଡାଏଲ କରି ଜଣାଇବାକୁ ଟୁଇଟ୍ କରି ସୂଚନା ଦେଇଛନ୍ତି ମୁଖ୍ୟ ଶାସନ ସଚିବ। ସୂଚନାଥାଉ କି, ଭୁବନେଶ୍ୱରର ବିଭିନ୍ନ ଘରୋଇ ହସ୍ପିଟାଲରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହେଉଥିବା ଆଶାରେ ଏଠାକୁ ପ୍ରତ୍ୟହ ବହିରାଗତ ରୋଗୀଙ୍କର ଭିଡ ଜମିଥାଏ। ଏବେ ଭୁବନେଶ୍ୱରରେ କରୋନା କାୟା ବିସ୍ତାର କରିବା ସହ ଅନ୍ୟ କେତେକ ଜିଲ୍ଲାରେ ମଧ୍ୟ ପରିସ୍ଥିତି ସଙ୍ଗୀନ ହେବାରେ ଲାଗିଛି। ଏଭଳି ସ୍ଥିତିରେ ବାହାରୁ ଆସୁଥିବା ରୋଗୀଙ୍କ ଦେହରେ କରୋନା ଭୂତାଣୁ ଥିବା ଆଶଙ୍କା କରି ମେଡିକାଲ କର୍ତ୍ତୃପକ୍ଷ ରୋଗୀଙ୍କୁ ଫେରାଇ ଦେଉଛନ୍ତି। କରୋନା ବ୍ୟାପିବା ଉପରେ କେହି ରିସ୍କ ନେବାକୁ ଚାହୁନାହାନ୍ତି। ଏଣୁ ସଙ୍କଟାପନ୍ନ ଅବସ୍ଥାରେ ବାହାରୁ ଆସୁଥିବା ରୋଗୀଙ୍କର ମୃତ୍ୟୁ ହେଉଛି। ସବୁଠୁ ବଡକଥା ହେଉଛି ଭୁବନେଶ୍ୱରର ପ୍ରମୁଖ ସରକାରୀ ଡାକ୍ତରଖାନା କ୍ୟାପିଟାଲ ହସ୍ପିଟାଲରେ ଏବେ ଯେଭଳି କରୋନା ପଜିଟିଭ୍‌ଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି ଏହାକୁ ଦେଖି ଅନ୍ୟ ହସ୍ପିଟାଲ ଗୁଡିକ ଭୟଭୀତ ହୋଇଛନ୍ତି। ଏଣୁ ରୋଗୀମାନଙ୍କୁ ଭିତରେ ପୂରାଇ ଦେଉ ନାହାନ୍ତି।

# ଆରଓବି ପକ୍ଷରୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ସମ୍ପର୍କିତ ୱେବିନାର

**ଭୁବନେଶ୍ୱର, (ପିଆଇବି):** ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଆଂଚଳିକ ଜନସମ୍ପର୍କ କାର୍ଯ୍ୟାଳୟ (ଆରଓବି) ପକ୍ଷରୁ "ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା" ଉପରେ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଓଡ଼ିଶା ପ୍ରାନ୍ତ ଅତିରିକ୍ତ ମହାନିର୍ଦ୍ଦେଶକ ଶୈଳେଶ କୁମାର ମାଲବ୍ୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଯେ କୋଭିଡ-୧୯ ମହାମାରୀକୁ ଆଖି ଆଗରେ ରଖି ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା (ଏନଏଫଏସଏ) ଅଧୀନରେ ଆଗୁଆ ତିନି ମାସ ପାଇଁ ୫,୬୪,୯୯୩.୨୫୪ ମେଟ୍ରିକ ଟନ ଚାଉଳ ଓ ଗହମ ରାଜ୍ୟର ୯୨.୮୪ ଲକ୍ଷ ପରିବାରକୁ ବିତରଣ କରାଯାଇଥିଲା। ସେହିପରି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ୯୩.୯୨ ହଜାର ପରିବାରକୁ ୪୦୫୩.୨୨୧ ମେଟ୍ରିକ ଟନ ଚାଉଳ ବଂଟନ କରାଯାଇଛି। ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀମାନଙ୍କୁ ମାସିକ ୧ହଜାର ଟଙ୍କା ଲେଖାଏଁ ନଗଦ ସହାୟତା ବଂଟନ କରାଯାଇଛି। ଏଥିପାଇଁ ୯୫୫ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ମନ୍ତ୍ରୀ ଆହୁରି ସୂଚନା ଦେଇଥିଲେ ଯେ ଦେଶର ଗରିବ ଲୋକମାନଙ୍କର ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ଲାଗି ଭାରତ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା 'ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା' ଅନ୍ତର୍ଗତ ମାଗଣାରେ ଚାଉଳ ଓ ଡାଲି ଏପ୍ରିଲ, ମେ ଓ ଜୁନ ୨୦୨୦ ପାଇଁ ରାଜ୍ୟରେ ବିତରଣ କରାଯାଇଛି। ଏହି ଯୋଜନା ଅଧୀନରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ମୁଣ୍ଡ ପିଛା ୫ କିଗ୍ରା ଲେଖାଏଁ ଚାଉଳ ତିନି ମାସ ପାଇଁ ଦିଆଯାଇଥିବା ବେଳେ




ପ୍ରତି ପରିବାର ପିଛା ମାସିକ ୧ କିଗ୍ରା ଲେଖାଏଁ ଡାଲି ଯୋଗାଇ ଦିଆଯାଇଛି। ୩୧ ମାର୍ଚ୍ଚ ୨୦୨୦ରେ ଭାରତ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ଗାଇଡଲାଇନ ଅନୁଯାୟୀ ତିନି ମାସର ମାଗଣା ରାସନ ଏକକାଳୀନ ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଷ୍ପତି ନିଆଯାଇଥିଲା। ଏନଏଫଏସଏ ଅଧୀନରେ ନିୟମିତ ସହାୟତା ସହିତ ଏହାକୁ ଯୋଗାଇ ଦେବା ନିମନ୍ତେ ତୁରନ୍ତ ପ୍ରସ୍ତୁତି କରାଯାଇଥିଲା ଏବଂ ରାଜ୍ୟରେ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଲାଗି ମଧ୍ୟ ପଦକ୍ଷେପ ନିଆଯାଇଥିଲା। କୋଭିଡ-୧୯ ଲକଡାଉନ ସତ୍ୱେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଖାଦ୍ୟଶସ୍ୟ ବିତରଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଇଛି। ପାଖାପାଖି ୮୦୦ କ୍ଷେତ୍ରୀୟ ସ୍ତରର ଖାଦ୍ୟ ଯୋଗାଣ କର୍ମଚାରୀ, ରାଜ୍ୟ ସାଧାରଣ ବଂଟନ ନିଗମର ୨୧୫ଟି ଗୋଦାମରେ କାର୍ଯ୍ୟରତ ୧୬,୦୦୦ ଶ୍ରମିକ, ୪୦୦ରୁ ଅଧିକ ପରିବହନ ଠିକାଦାର ସେମାନଙ୍କର ସରଞ୍ଜାମ ସହିତ ଏବଂ ୧୨୩୫୬ ଖାଦ୍ୟଶସ୍ୟ ବିତରଣ କେନ୍ଦ୍ର ଜରିଆରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାକୁ ସଫଳତା ପୂର୍ବକ ରାଜ୍ୟରେ କାର୍ଯ୍ୟକାରୀ କରାଯାଇଛି ବୋଲି ମନ୍ତ୍ରୀ କହିଥିଲେ। ସେ ଆହୁରି ସୂଚନା ଦେଇଥିଲେ ଯେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା-ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ହିତାଧିକାରୀମାନଙ୍କୁ ମୋଟ ୪,୮୭,୦୫୭.୪୮୫ ମେଟ୍ରିକ ଟନ ଚାଉଳ ଓ ୨୭,୮୫୬ ମେଟ୍ରିକ ଟନ ଡାଲି ବଂଟନ କରାଯାଇଛି। ଏହାଦ୍ୱାରା ୯୨,୮୪,୬୨୬ ପରିବାରର ପାଖାପାଖି ୩,୨୪,୬୨,୯୫୫ ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି। ଇତିମଧ୍ୟରେ, ପିଏମଜିକେଏୱାଇ ଅଧୀନରେ ଏନଏଫଏସ ହିତାଧିକାରୀମାନଙ୍କୁ ଭାରତ ସରକାର ଆହୁରି ୫ ମାସ ପାଇଁ ଅର୍ଥାତ ଜୁଲାଇରୁ ନଭେମ୍ବର ୨୦୨୦ ମାସ ପର୍ଯ୍ୟନ୍ତ ଖାଦ୍ୟ ଶସ୍ୟ ବିତରଣ କରିବା ଲାଗି ଘୋଷଣା କରିଛନ୍ତି। ଏଥିପାଇଁ ବିଭାଗ ପକ୍ଷରୁ ଆବଶ୍ୟକ ପ୍ରସ୍ତୁତି କରାଯାଇଛି ଖୁବଶୀଘ୍ର ଖାଦ୍ୟସାମଗ୍ରୀ ବିତରଣ ଆରମ୍ଭ ହେବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ସୂଚନା ଦେଇଥିଲେ। ଏମଡିଆଇର ଲୋକ ନୀତି ଓ ପ୍ରଶାସନ ବିଭାଗ ପ୍ରଫେସର ଡ. ଆଲୋକ ମିଶ୍ର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କହିଥିଲେ ଯେ ଦେଶରେ ଯଥେଷ୍ଟ ପରିମାଣରେ ଖାଦ୍ୟଶସ୍ୟ ମହଜୁଦ ହୋଇ ରହିଛି। ଅତିରିକ୍ତ ଆବଶ୍ୟକତା କ୍ଷେତ୍ରରେ ହିତାଧିକାରୀମାନଙ୍କୁ ଖାଦ୍ୟସାମଗ୍ରୀ ବିତରଣରେ କୌଣସି କଟକଣା ରହିବା ଅନୁଚିତ। ଗୋଦାମରେ ପଡ଼ି ରହି ଖାଦ୍ୟଶସ୍ୟ ନଷ୍ଟ ହେବା ବଦଳରେ ସେଗୁଡ଼ିକୁ ହିତାଧିକାରୀମାନଙ୍କୁ ବିତରଣ କରି ଦିଆଯିବା ଉଚିତ। ଏଫଏଓ/ୟୁଏନର ପୂର୍ବତନ ବିଶେଷଜ୍ଞ ପ୍ରକାଶ ଚନ୍ଦ୍ର ନାୟକ ଏହି ଅବସରରେ ବକ୍ତବ୍ୟ ରଖି ଅଙ୍ଗନୱାଡ଼ି କର୍ମୀ, ଆଇସିଡିଏସର ଭୂମିକାକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ବିତରଣ କରାଯାଉଥିବା ଖାଦ୍ୟଶସ୍ୟର ସଦୁପଯୋଗ ହେବା ଆବଶ୍ୟକ। ଏଫସିଆଇ, ଭୁବନେଶ୍ୱରର ଏଜିଏମ ସତ୍ୟପ୍ରକାଶ ପଣ୍ଡା, ଇଣ୍ଡିଆ ହ୍ୱିସ୍ପର୍ସର ସମ୍ପାଦକ ଶ୍ରୀ ଦିଲୀପ ବିଶୋୟୀ, ଆରଓବିର ନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଏହି ୱେବିନାରରେ ଅଂଶଗ୍ରହଣ କରି ବିଷୟବସ୍ତୁ ଉପରେ ସୁଚିନ୍ତିତ ମତ ଉପସ୍ଥାପନ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦେଶରେ ...

ଏହା ଏକ ଖରାପ ସଙ୍କେତ। ଏଥିରୁ ଗୋଷ୍ଠୀ ସଂକ୍ରମଣ ଆରମ୍ଭ ହୋଇଯାଇଛି ବୋଲି ସେ କହିଛନ୍ତି। ଡକ୍ଟର ମୋଙ୍ଗା ଆହୁରି କହିଛନ୍ତି ସହର ଓ ଗ୍ରାମାଞ୍ଚଳରେ କରୋନା ସଂକ୍ରମଣ ଅତି ଦ୍ରୁତଗତିରେ ବୃଦ୍ଧିପାଉଛି। ଏଭଳି ପରିସ୍ଥିତିକୁ ଏଣିକି ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡିବ। ଦିଲ୍ଲୀରେ ଆମେ କରୋନା ସଂକ୍ରମଣକୁ ରୋକିବାରେ ସକ୍ଷମ ହୋଇଛୁ। ମାତ୍ର ମହାରାଷ୍ଟ୍ର, କର୍ଣ୍ଣାଟକ, କେରଳ, ଗୋଆ, ମଧ୍ୟପ୍ରଦେଶରେ ଏବେ ସଂକ୍ରମଣ ଗୁରୁତର ରୂପ ନେଇଛି। ଏଭଳି ପରିସ୍ଥିତିରେ ସଂକ୍ରମଣ ରୋକିବା ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ସାହାଯ୍ୟ ଲୋଡିବା ଦରକାର। ଏହା ଏକ ଭୂତାଣୁଜନିତ ରୋଗ ହୋଇଥିବା ଅତି ଦ୍ରୁତଗତିରେ ବ୍ୟାପିଚାଲିଛି। ଏହାକୁ ରୋକିବା ପାଇଁ କେବଳ ୨ଟି ଉପାୟ ରହିଛି। ପ୍ରଥମତଃ ୭୦ ପ୍ରତିଶତ ଲୋକ ଏହି ଭୂତାଣୁ ପ୍ରଭାବରେ ଆସିବା ଦ୍ୱାରା ସେମାନଙ୍କ ମଧ୍ୟରେ କ୍ରମଶଃ ରୋଗ ପ୍ରତିରୋଧକ ଶକ୍ତି ଆସିଯିବ। ଅନ୍ୟ ୩୦ ପ୍ରତିଶତ ଲୋକଙ୍କ ପାଇଁ ହୁଏତ ପ୍ରତିଷେଧକ ଟୀକା ଆସିଯିବ ବୋଲି ଡକ୍ଟର ମୋଙ୍ଗା କହିଛନ୍ତି। ବର୍ତ୍ତମାନ ଦେଶରେ ୮୮୫ ସରକାରୀ ଓ ୩୬୮ ବେସରକାରୀ ଲାବୋରାଟୋରୀ କୋଭିଡ୍ ନମୁନା ପରୀକ୍ଷା କରାଯାଉଛି। ଏହି ସଂକ୍ରମିତ ରୋଗ ଖୁବଜୋରରେ ବ୍ୟାପିଥାଏ। ୭୦ ଭାଗ ରୋଗ ସଂସ୍ପର୍ଶ ଯୋଗୁଁ ବ୍ୟାପିଥାଏ। ରୋଗ ସଂକ୍ରମଣକୁ ରୋକିବା ପାଇଁ ଲୋକଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ଜରୁରୀ। ଡା ମୋଙ୍ଗା ଆହୁରି କହିଛନ୍ତି ଯେ, ବର୍ତ୍ତମାନ ସ୍ଥିତିକୁ ନିୟନ୍ତ୍ରଣ କରିବା ଅତ୍ୟନ୍ତ କଷ୍ଟକର ହୋଇପଡିଛି। ଦିଲ୍ଲୀରେ ଆମେ କରୋନା ସଂକ୍ରମରକୁ ହ୍ରାସ କରିବାକୁ ସକ୍ଷମ ହୋଇଛି। କିନ୍ତୁ ମହାରାଷ୍ଟ୍ର, କର୍ଣ୍ଣାଟକ, ରେକଳ, ଗୋଆ, ମଧ୍ୟପ୍ରଦେଶ ସ୍ଥିତି ବେକାବୁ ହେଉଛି। ଏହା ଦେଶର ନୂଆ କରୋନା ହଟ୍‌ସ୍ପଟ ହେଲାଣି। ତେଣୁ ରାଜ୍ୟ ସରକାରମାନେ ସତର୍କତାର ସହ କାର୍ଯ୍ୟ କରିବା ସହ କରୋନାର ମୁକାବିଲା ପାଇଁ କେନ୍ଦ୍ର ସରକାରଙ୍କ ସହଯୋଗ ଲୋଡିବା ଦରକାର। ଏହା ଏକ ଭାଇରାଲ ରୋଗ। ଯାହା ଖୁବ୍ ଦ୍ରୁତଗତିରେ ବ୍ୟାପୁଛି। ରୋଗକୁ ନିୟମନ୍ତ୍ରଣ କରିବା ପାଇଁ ଟିକା ହେଉଛି ଅନ୍ୟ ଏକ ଉପାୟ। ଅବଶ୍ୟ ଭାରତରେ କୋଭିଡ୍ ନିୟନ୍ତ୍ରଣ ପାଇଁ ଟିକା ପ୍ରସ୍ତୁତି ଚାଲିଛି। ଏହା ଖୁବ୍‌ଶୀଘ୍ର ମଣିଷ ଦେହରେ ପରୀକ୍ଷା କରାଯିବ ବୋଲି ଡକ୍ଟର ମୋଙ୍ଗା କହିଛନ୍ତି।

### ସଫଳତାର ...

ଡା. ହର୍ଷବର୍ଦ୍ଧନ କୋଭାକ୍ସିନ ଟୀକା ସମ୍ପର୍କରେ କହିଛନ୍ତି ଯେ, ସ୍ୱଦେଶୀ କରୋନା ଟୀକା କୋଭାକ୍ସିନ ଏବେ ସଫଳତା ଦିଗରେ ଆଗାଉଛି। କୋଭାକ୍ସିନର ପ୍ରାରମ୍ଭିକ ପରୀକ୍ଷାମୂଳକ ପ୍ରୟୋଗ ପ୍ରୟୋଗ ସଫଳତା ହୋଇଛି। ଏବେ ଏହି ଟୀକାର ମାନସିକ ପରୀକ୍ଷଣ ଆରମ୍ଭ ହୋଇଛି। ଟୀକାର ପ୍ରୟୋଗ ପରେ ମନୁଷ୍ୟଙ୍କର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇନି। ୨ ଦଫାରେ ମାନବ ପରୀକ୍ଷଣ ହେବ। ଏବେ ୧୪ଟି ହସ୍ପିଟାଲରେ ଏଭଳି ଟ୍ରାଏଲ ଚାଲିଛି। ଆଇସିଏମ୍‌ଆର-ଭାରତ ବାୟୋଟେକ ଦ୍ୱାରା ନିର୍ମିତ କୋଭାକ୍ସିନ୍ ଫେଜ-୧ ଓ ଫେଜ-୨ ପରୀକ୍ଷଣ କରାଯାଉଛି। ଖୁବ୍‌ଶୀଘ୍ର ଏହି ମହାମାରୀ ଉପରେ ଆମେ ପୂରା ବିଜୟପ୍ରାପ୍ତ କରିବା ଲାଗି ସେ କହିଛନ୍ତି।

### ନୂଆ ପଦକ୍ଷେପ ...

ମନ୍ତ୍ରଣାଳୟର ଯୁଗ୍ମ ସଚିବ ଲବ ଅଗ୍ରୱାଲ ଏହି ରାଜ୍ୟଗୁଡିକର ପ୍ରମୁଖ ସଚିବ (ସ୍ୱାସ୍ଥ୍ୟ) ଓ ସଚିବ (ସ୍ୱାସ୍ଥ୍ୟ)ଙ୍କୁ ପତ୍ର ଲେଖି କହିଛନ୍ତି। ଯେଉଁ ଅଞ୍ଚଳରେ କରୋନା ସଂକ୍ରମଣ ଅଧିକ ରହିଛି ସେଠାରେ କଣ୍ଟାକ୍ଟ ଟ୍ରେସିଂ ଏବଂ ସଂକ୍ରମଣର ମ୍ୟାପିଙ୍ଗ କରାଯାଇ ବଫର ଜୋନ୍ ଘୋଷଣା କରାଯିବା ଉଚିତ୍। ଏହାଦ୍ୱାରା ସଂକ୍ରମଣକୁ ବ୍ୟାପିବା ପାଇଁ ନଦେଇ ଏହାକୁ ରୋକାଯାଇପାରିବ। ଏହାଛଡ଼ା ଟେଷ୍ଟିଂ ଉପରେ ଗୁରୁତ୍ୱ ଦେବା ପାଇଁ ଏହି ରାଜ୍ୟଗୁଡିକୁ କୁହାଯାଇଛି।

### ନାଲିଆଖି ...

ଘୋଷଣା କରିଛନ୍ତି। ଏହି ଅଞ୍ଚଳର ଲୋକମାନେ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅସୀମ ଧୈର୍ଯ୍ୟର ପରାକାଷ୍ଠା ଦେଖାଇ ସରକାର, ପ୍ରଶାସନ ଓ ଅଧିକାରୀ ମାନଙ୍କୁ ସହଯୋଗ କରିବା ଦରକାର। ଅତୀତରେ ଓଡ଼ିଆ ଜାତି ବିପତ୍ତି ସମୟରେ ଅସୀମ ସାହାସ ଓ ଧୈର୍ଯ୍ୟ ଦେଖାଇ ଆସିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ପ୍ରେରଣା ସମସ୍ତଙ୍କ ସାଥୀରେ ରହିଛି। ସଂଯମତା ଓ ଆବେଗର ନୂଆ ରାସ୍ତାର ବଡ଼ ଉଦାହରଣ ହେଲା ଚଳିତବର୍ଷର ରଥଯାତ୍ରା। ତେଣୁ ମହାପ୍ରଭୁଙ୍କ ଆଶୀର୍ବାଦକୁ ପାଥେୟ କରି ଓଡ଼ିଆ ସମାଜ ନିଜକୁ ସମ୍ଭାଳିବ ବୋଲି ଦୃଢ ବିଶ୍ୱାସ ରହିଥିବା ଶ୍ରୀ ପ୍ରଧାନ କହିଛନ୍ତି।

### ବଦଳି ନିୟମ ...

ପୋଲିସ ବିଭାଗରେ କନଷ୍ଟେବଲଙ୍କ ପାଇଁ ରହିଥିବା ବଦଳି ନିୟମକୁ ଖୋଲାଖୋଲି ଉଲ୍ଲଘଂନ କରାଯିବା ଗ୍ରହଣୀୟ ହୋଇନଥିଲା ବେଳେ ଏହା କିଭଳି ଘଟୁଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସ ମାନୁଆଲ ଅନୁସାରେ ଜଣେ କନଷ୍ଟେବଲ ଗୋଟିଏ ସ୍ଥାନରେ ତିନିବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟ କରିଥିଲେ ତାଙ୍କର ବଦଳି ହେବା ସୁନିଶ୍ଚିତ। କିନ୍ତୁ ଭୁବନେଶ୍ୱର ଡିସିପି ଅଫିସରେ ଏକାଧିକ କନଷ୍ଟେବଲ ତିନିବର୍ଷରୁ ଊର୍ଦ୍ଧ୍ୱ କ'ଣ ଦୀର୍ଘବର୍ଷ ଧରି ଏଠାରେ କାର୍ଯ୍ୟ କରୁଥିଲେ ବି ସେମାନଙ୍କୁ ବଦଳି କରାଯାଉନାହିଁ। ଏଭଳି ବ୍ୟତିକ୍ରମ ପଛରେ କାହାର ଆଶୀର୍ବାଦ ରହିଛି ତାହାକୁ ନେଇ ବିଭାଗର କେହି ମୁହଁ ଖୋଲି କହୁନଥିଲେ ବି ଅନେକଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ଜାଣିବା ଶୁଣିବା ଲୋକଙ୍କ କହିବା କଥା ଖୋଦ ରାଜଧାନୀ ଭୁବନେଶ୍ୱରରେ ଯଦି ନିୟମ ଖିଲାପକାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ ରାଜ୍ୟର ଅନ୍ୟ ସରକାରୀ କାର୍ଯ୍ୟାଳୟରେ ହେଉଥିବା ନିୟମ ବିରୋଧୀ କାର୍ଯ୍ୟ କିଏ ବନ୍ଦ କରିବ। ସୂଚନା ଅନୁସାରେ ଡିସିପି ଅଫିସରେ କାର୍ଯ୍ୟ କରୁଥିବା କନଷ୍ଟେବଲଙ୍କର ଉପରେ ହାତ ରହିଥିବା ଯୋଗୁଁ ସେମାନଙ୍କର ବଦଳି କରାଯାଉ ନଥିବା ସନ୍ଦେହ ଉପୁଜିଛି।

### ଅଗଷ୍ଟ ...

ଟ୍ରଷ୍ଟର ଅଧ୍ୟକ୍ଷ ମହନ୍ତ ନୃତ୍ୟଗୋପାଳ ଦାସ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଅଯୋଧ୍ୟାକୁ ଆମନ୍ତ୍ରଣ କରିଛନ୍ତି। ବୈଠକରେ ରାମ ମନ୍ଦିର ନିର୍ମାଣ ସମିତି ଅଧ୍ୟକ୍ଷ ନୃପେନ୍ଦ୍ର ମିଶ୍ରଙ୍କ ସମେତ ବହୁ ବିଶିଷ୍ଟ ସଭ୍ୟ ଯୋଗ ଦେଇଥିଲେ। ବୈଠକରେ ମନ୍ଦିରର ଗର୍ଭଗୃହ ଡିଜାଇନ, ମନ୍ଦିର ପରିସର ପାଇଁ ଜାଗା ଓ ମନ୍ଦିର ପରିସରରେ ସୀତା ମନ୍ଦିର ନିର୍ମାଣକୁ ଗୁରୁତ୍ୱ ଦିଆଯାଇଥିଲା। ମଣିରାମ ଛାବନୀ ମଠର ମହନ୍ତ କମଲ ନୟନ ଦାସଙ୍କ ସୂଚନା ମୁତାବକ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ଶିଳାନ୍ୟାସ କରାଯିବାର କାର୍ଯ୍ୟକ୍ରମ ଅଛି। ଶନିବାର ବୈଠକରେ ମୋଦୀ ଯୋଗଦେବାର କାର୍ଯ୍ୟକ୍ରମ ଥିଲା। ମାତ୍ର କରୋନା କାରଣରୁ ତାଙ୍କର ଯୋଗଦାନ ସମ୍ଭବ ହୋଇପାରିଲାନି। ରାମ ମନ୍ଦିର ଶିଳାନ୍ୟାସ ଉତ୍ସବରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସ୍ୱାଗତ କରିବା ପାଇଁ ବାବ୍ରି ମସଜିଦ ପକ୍ଷଭୁକ୍ତ ଇକ୍‌ବାଲ୍ ଆନସାରୀ ଆଗ୍ରହ ପ୍ରକାଶ କରିଛନ୍ତି। ମନ୍ଦିର ନିର୍ମାଣଠାରୁ ଆରମ୍ଭ କରି ଯେକୌଣସି କାର୍ଯ୍ୟରେ ସାମିଲ ହେବାକୁ ସେ ରାଜି ଅଛନ୍ତି। ମସଜିଦ ନିର୍ମାଣ ପାଇଁ ମୁସଲିମ ସମାଜକୁ ଦିଆଯାଇଥିବା ୫ ଏକର ଜମିରେ ଗୋଟିଏ ଡାକ୍ତରଖାନା ଓ ସ୍କୁଲ ନିର୍ମାଣ କରାଯିବା ଦରକାର ବୋଲି ଆନ୍‌ସାରୀ କହିଛନ୍ତି। ରାମ ମନ୍ଦିର ସାଙ୍ଗକୁ ରାଷ୍ଟ୍ର ମନ୍ଦିର ନିର୍ମାଣ କରିବା ପାଇଁ ଟ୍ରଷ୍ଟର ଅନ୍ୟତମ ସଭ୍ୟ କାମେଶ୍ୱର ଚୌପାଲା ପ୍ରସ୍ତାବ ଦେଇଛନ୍ତି। ରାମ ମନ୍ଦିର ନିର୍ମାଣ ପାଇଁ ପ୍ରାୟ ସାଢ଼େ ୩ ବର୍ଷ ସମୟ ଲାଗିବ। ପ୍ରାୟ ୧୦ କୋଟି ଲୋକଙ୍କ ଆର୍ଥିକ ସହାୟତାରେ ମନ୍ଦିର ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଦେଶବ୍ୟାପୀ ଚାନ୍ଦା ସଂଗ୍ରହ ଅଭିଯାନ ଆରମ୍ଭ କରାଯିବ। ଇତିମଧ୍ୟରେ ମନ୍ଦିର ନିର୍ମାଣ ସ୍ଥାନକୁ ସମତଳ କରାଯାଇଛି। ଏଲ୍‌ଆଣ୍ଡଟି ଓ ସୋମପୁରା କମ୍ପାନୀ ମିଳିତ ଭାବେ ମନ୍ଦିର ନିର୍ମାଣ କାର୍ଯ୍ୟ ଆଗେଇ ନେବାକୁ ରାଜି ହୋଇଛନ୍ତି।

### 'କାମ୍ପା ପାଣ୍ଠି ...

କାଟି ଉପରକୁ ଦିଆଯିବ ବୋଲି କହୁଛନ୍ତି। ଏହି ଉପରବାଲା କିଏ ଏବଂ ତାଙ୍କ ଭାଗ କେତେ ବୋଲି ନିରଞ୍ଜନ ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାର କାମ୍ପା ଓ ଓଏମ୍‌ବିଡିସି ପାଙ୍ଗରିରୁ ୧୨ ହଜାର କୋଟି ଟଙ୍କା ଋଣ ଆଣିଛନ୍ତି। ମାତ୍ର ସେ ସବୁର ସଠିକ ବିନିଯୋଗ ହିସାବ ନାହିଁ। କାମ୍ପା ଆଇନ, ରାଜ୍ୟ ନିୟମ ଓ ଗାଇଡ୍‌ଲାଇନକୁ ଭଙ୍ଗ କରାଯାଇଛି। କାମ୍ପା ଗାଇଡ୍‌ଲାଇନର ଧାରା ୧୩ ଅନୁସାରେ ମୁଖ୍ୟମନ୍ତ୍ରୀଙ୍କୁ ଅଧ୍ୟକ୍ଷତାରେ ଗୋଟିଏ ୧୦ ଜଣିଆ କମିଟି ଗଠନ ହେବାର ବ୍ୟବସ୍ଥା ଅଛି। ଏହି ଗଭର୍ଣ୍ଣିଂ ବଡି ପୂର୍ଣ୍ଣ ଯୋଜନା ପ୍ରସ୍ତୁତ ଓ ଅନୁମୋଦନ କରିଥାଏ ଏବଂ କାର୍ଯ୍ୟଗୁଡ଼ିକ ଅନୁସନ୍ଧାନ କରିଥାଏ। ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଗଭର୍ଣ୍ଣିଂ ବଡିର ସମ୍ପୂର୍ଣ୍ଣ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ସରକାର ସାଧାରଣ ଲୋକଙ୍କୁ ଅବଗତ କରାଇବେକି ବୋଲି ସେ ପ୍ରଶ୍ନ କରିଛନ୍ତି।

# ଚାଷୀଙ୍କ ପାଇଁ ୨୦୦ କୋଟିର ପ୍ୟାକେଜ

**ଭୁବନେଶ୍ୱର :** ରାଜ୍ୟ ସରକାର କରୋନା ମହାମାରୀ ସମୟରେ ଚାଷୀଙ୍କ ପାଇଁ ୨୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଛନ୍ତି। ଏହାଦ୍ୱାର ପ୍ରାୟ ୨୫ ଲକ୍ଷ ଚାଷୀ ଉପକୃତ ହେବେ। ଇଣ୍ଡିଆନ ଚାମ୍ବର ଅଫ କମର୍ସ ପକ୍ଷରୁ ଆୟୋଜିତ କରୋନା ମହାମାରୀ ଏବଂ କୃଷି, ଖାଦ୍ୟ ପ୍ରକ୍ରିୟାକରଣ, ମତ୍ସ୍ୟ ଓ ଉଦ୍ୟାନ କୃଷିରେ ରହିଥିବା ଚାଲେଞ୍ଜ ସମ୍ପର୍କିତ ଏକ ଆଲୋଚନାଚକ୍ରରେ କୃଷିମନ୍ତ୍ରୀ ଡ. ଅରୁଣ ସାହୁ କହିଛନ୍ତି। ଗ୍ରାମୀଣ ଅର୍ଥନୀତିର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ୧୭ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ଜୀବନଜୀବିକ ପ୍ୟାକେଜ ମଧ୍ୟ ଘୋଷଣା କରିଛନ୍ତି। ଏହି ପ୍ୟାକେଜ୍ ଜରିଆରେ ସରକାର କୃଷି, ମତ୍ସ୍ୟ, ମନରେଗାରେ ଅଧିକ ନିଯୁକ୍ତି ସୁଯୋଗ ସହ ଦକ୍ଷତା ବିକାଶ ଜରିଆରେ ଆତ୍ମନିର୍ଭରଶୀଳତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ସେ କହିଛନ୍ତି। ଆମ କୃଷି ହେଲ୍ପଲାଇନ ଜରିଆରେ ଚାଷୀଙ୍କୁ କୃଷି ଓ ବଜାର ସୁବିଧା ସମ୍ପର୍କିତ ସୂଚନା ଓ ସହାୟତା ଦିଆଯାଉଛି। ଏଥିସହ ସରକାର ନିକଟରେ ବଳରାମ ଯୋଜନା ଆରମ୍ଭ କରିଛନ୍ତି। ଏଥିରେ ଭୂମିହୀନ ଭାଗଚାଷୀଙ୍କ ଏହି ଯୋଜନାରେ ୧୦୪୦ କୋଟି ଟଙ୍କାର ସହାୟତା ପ୍ରଦାନ କରାଯିବ। ଏହି ଯୋଜନାରେ ୨ ବର୍ଷରେ ୭ ଲକ୍ଷ ଚାଷୀ ଉପକୃତ ହେବେ ବୋଲି ସେ କହିଛନ୍ତି। ସେହିଭଳି ପାରମ୍ପରିକ ଚାଷରୁ ଲାଭକାରୀ ଚାଷ ପାଇଁ ଚାଷୀଙ୍କୁ ପ୍ରୋତ୍ସାହିତ କରିବାକୁ ସରକାର ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଆରମ୍ଭ କରିଛନ୍ତି। ଏଥିରେ ଚାଷୀଙ୍କୁ ଟେକ୍ନୋଲୋଜି ସହ ପରିବେଶ ଓ ବିଭିନ୍ନ ସଂଗଠନ ସହ ଯୋଡ଼ାଯିବ। ଏହାଦ୍ୱାରା କୃଷିଭିତ୍ତିକ ପ୍ରକ୍ରିୟାକରଣ ଶିଳ୍ପ ଓ ରପ୍ତାନି ଶିଳ୍ପ ମଧ୍ୟ ସମୃଦ୍ଧ ହେବ ବୋଲି କୃଷି ସଚିବ ସୌରଭ ଗର୍ଗ କହିଛନ୍ତି। କେନ୍ଦ୍ର ସରକାରଙ୍କ ଆତ୍ମନିର୍ଭର ଭାରତ ଯୋଜନାରେ ମଧ୍ୟ ଶୀତଳ ଭଣ୍ଡାର ଓ ପ୍ରାଥମିକ ଷ୍ଟୋରେଜ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ପ୍ରୋତ୍ସାହିତ କରାଯାଉଥିବା ସେ କହିଛନ୍ତି। ଏଆଇସିସି ବିଶେଷଜ୍ଞ କମିଟିର ଅଧ୍ୟକ୍ଷ ଶ୍ରୀକାନ୍ତ ଗୋଏଙ୍କା, ଏଆଇସିସି ଓଡ଼ିଶାର ରାଜ୍ୟ ଆବାହକ ଶ୍ରୀରାମ ପଣ୍ଡା, ଆପିକଲର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ପି କେ ରାଉଳ, ଉଦ୍ୟାନକୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ରିଲାଏନ୍ସ ଫ୍ରେସ୍‌ର ଆଞ୍ଚଳିକ ମୁଖ୍ୟ ରୋହିତ ସିଂ, ଫାର୍ମଏକ୍ସ ଇଣ୍ଡିଆର ଉପଦେଷ୍ଟା ସୁବାସ ପଟ୍ଟନାୟକ, ସଫଳର ବ୍ୟବସାୟିକ ମୁଖ୍ୟ ପ୍ରଦୀପ୍ତ କୁମାର ସାହୁ ପ୍ରମୁଖ ଏହି ଆଲୋଚନାଚକ୍ରରେ ଭାଗନେଇଥିଲେ।

# ରାଜ୍ୟରେ ଦିନକୁ ହେବ ୧୦ହଜାର ଟେଷ୍ଟିଂ

**ଭୁବନେଶ୍ୱର :** ରାଜ୍ୟରେ ଦିନକୁ ଏବେ କରୋନା ଟେଷ୍ଟ ହେବ ୧୦ ହଜାର। ଆର୍‌ଟିପିସିଆର୍ ୭ ହଜାର ଓ ଆଣ୍ଟିଜେନ୍ ୩ ହଜାର କରାଯିବ। ଓଡ଼ିଶାକୁ ଆଉ ୨ଲକ୍ଷ ଆଣ୍ଟିଜେନ୍ କିଟ୍ ଆସିବ ବୋଲି କହିଛନ୍ତି ଆଇଏଲ୍‌ଏସ୍ ନିର୍ଦ୍ଦେଶକ ଅଜୟ ପରିଡ଼ା। ଗଞ୍ଜାମ, ଖୋର୍ଦ୍ଧା, କଟକ, ଯାଜପୁର ଓ ରାଉରକେଲାକୁ ଅଧିକ ଫୋକସ୍ କରାଯାଉଛି। ଏହି ଜିଲ୍ଲାଗୁଡ଼ିକରୁ ଅଧିକ ପରିମାଣରେ ଆକ୍ରାନ୍ତ ଚିହ୍ନଟ ହେଉଥିବାରୁ ଆଗାମୀ ଦିନରେ ଏହି ଜିଲ୍ଲାରେ ଟେଷ୍ଟିଂ, ଟ୍ରେସିଂ, ସର୍ଭେଲାନ୍ସକୁ ଜୋରଦାର୍ କରାଯିବ। ଏହି ୧୪ ଦିନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଆଇଏଲ୍‌ଏସ୍ ଡାକ୍ତର ଅଜୟ ପରିଡ଼ା କହିଛନ୍ତି। ଏପଟେ ଭୁବନେଶ୍ୱରରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା। ଗତ ୮ ଦିନରେ ୩୯୪ ଆକ୍ରାନ୍ତ ଚିହ୍ନଟ



ହୋଇଛନ୍ତି। ଗତ ୯ ତାରିଖରେ ୩୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୧୦ରେ ୪୫ ଜଣ, ୧୧ରେ ୩୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ସେହିପରି ୧୨ରେ ୬୪ ଜଣ, ୧୩ରେ ୧୪ ଜଣ, ୧୪ରେ ୫୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୧୫ରେ ୯୦ କରୋନା ଆକ୍ରାନ୍ତ ଭୁବନେଶ୍ୱରରୁ ଚିହ୍ନଟ ହୋଇଥିଲେ। ସେହିପରି ୧୬ରେ ଖୋର୍ଦ୍ଧାରୁ ୬୪ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ କେବେଳ ଭୁବନେଶ୍ୱରରୁ ୬୦ ଜଣ ରହିଛନ୍ତି।

# ଏଣିକି ବିନା ଟିପଚିହ୍ନରେ ମିଳିବ ରାସନ

**ଭୁବନେଶ୍ୱର :** ହିତାଧିକାରୀଙ୍କ ପ୍ରତିବାଦ ପରେ ବଦଳିଲା ନିମୟ। କଣ୍ଟ୍ରୋଲ ସାମଗ୍ରୀ ବିତରଣ ସମୟରେ ବାୟୋମେଟ୍ରିକ୍ ଚିହ୍ନଟ ଲାଗି ଟିପ ଚିହ୍ନ ଦିଆଯିବା ପରେ ମେସିନ ଗୁଡାକ ସାନିଟାଇଜ ହେଉ ନଥିବାରୁ ହିତାଧିକାରୀ ସେଥିରେ ଟିପଚିହ୍ନ ଦେବାକୁ ମନା କରିଥିଲେ। ଏପରିକି ଅନେକ ହିତାଧିକାରୀ ରହସନ ନେବାକୁ ଆସି ନଥିଲେ। ଏହି ସମସ୍ୟା ସାମ୍ନାକୁ ଆସିବା ପରେ ରାଜ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଘୋଷଣା କରିଛନ୍ତି ଯେ, ହିତାଧିକାରୀ ରାସନ ସାମଗ୍ରୀ ନେବାବେଳେ ଟିପ ଚିହ୍ନ ଦେବେ ନାହିଁ। କରୋନା ସଂକ୍ରମଣ ଆଶଙ୍କା ଥିବା ଦୃଷ୍ଟିରୁ ବାୟୋମେଟ୍ରିକ ମେସିନରେ ଟିପ ଚିହ୍ନ ନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଟିପଚିହ୍ନଟ ଦ୍ୱାରା ଭାଇରସ ବ୍ୟାପିବାର ଭୟ ରହିଥିବା କାରଣରୁ ଏପରି ନିଷ୍ପତ୍ତି ନିଆଯାଇଛି। ସେ ଟ୍ୱିଟ୍ କରି ସୂଚନା ଦେଇଛନ୍ତି ଯେ, ପରବର୍ତ୍ତୀ ନିର୍ଦ୍ଦେଶ ଯାଏ ରାସନ ନେବା ବେଳେ ଟିପ ଚିହ୍ନଟର ଆବଶ୍ୟକତା ନାହିଁ। ଫିଙ୍ଗର ପ୍ରିଣ୍ଟ ସ୍କାନର ଓ ଆଇଆରଆଇଏସ ମେସିନକୁ ବନ୍ଦ କରାଗଲା ବୋଲି ସେ ଟ୍ୱିଟ୍‌ରେ ଦର୍ଶାଇଛନ୍ତି। ଭୋକରେ ରହିବୁ ପଛେ ଘରକୁ କରୋନା ଭୂତାଣୁ ନେବୁ ନାହିଁ ବୋଲି ରାସନ ନ ନେଇ ଖାଲି ଖାଲି ଘରକୁ ଫେରିଯାଇଥିଲେ ହିତାଧିକାରୀ। ଗୋଟିଏ ମେସିନରେ ଶହ ଶହ ହିତାଧିକାରୀ ଟିପ ଦେଉଥିବା ବେଳେ ଏହାକୁ କାହିଁକି ସାନିଟାଇଜ କରାଯାଉନାହିଁ ବୋଲି ଅଭିଯୋଗ କରିଥିଲେ। ତେଣୁ ବାୟୋମେଟ୍ରିକ ବ୍ୟବସ୍ଥାକୁ ବିରୋଧ କରି କଣ୍ଟ୍ରୋଲ ଦୋକାନୀମାନେ ଚଳିତ ମାସ ୧ ତାରିଖରୁ କୌଣସି ସାମଗ୍ରୀ ହିତାଧିକାରୀଙ୍କୁ ଦେଉ ନଥିଲେ।

# ସେପ୍ଟେମ୍ବର ସୁଦ୍ଧା ମତ୍ସ୍ୟ ମାନ ନିୟନ୍ତ୍ରଣ ପରୀକ୍ଷାଗାର

**ଭୁବନେଶ୍ୱର :** ମତ୍ସ୍ୟ ଦ୍ରବ୍ୟ ନିମନ୍ତେ ମାନ ନିୟନ୍ତ୍ରଣ ପରୀକ୍ଷାଗାର ଚଳିତ ବର୍ଷ ସେପ୍ଟେମ୍ବର ମାସ ସୁଦ୍ଧା କାର୍ଯ୍ୟକ୍ଷମ କରିବ। ବୁଧବାର ରପ୍ତାନୀ ଉନ୍ନୟନ ବାଣିଜ୍ୟ ନିର୍ଦ୍ଦେଶାଳୟର ସମ୍ମିଳନୀ କକ୍ଷରେ ଆୟାଜିତ ଏକ କର୍ମଶାଳାରେ ଏହା ପ୍ରକାଶ କରାଯାଇଛି। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଓଡ଼ିଶାରୁ ସାମୁଦ୍ରିକ ଦ୍ରବ୍ୟର ରପ୍ତାନୀ ଅଭିବୃଦ୍ଧି ଓ ଏହାର ସମସ୍ୟା ଉପରେ ଏହି କର୍ମଶାଳାରେ ମତ୍ସ୍ୟ ନିର୍ଦ୍ଦେଶକ, ଓଡ଼ିଶା, ଏମ୍‌ପିଇଡିଏ, ପାରାଦୀପ ଆନ୍ତର୍ଜାତିକ ପଣ୍ୟବାହୀ ଟର୍ମିନାଲ୍ (ପିଆଇସିଟି), ସାମୁଦ୍ରିକ ରପ୍ତାନୀ ସଂଘର ସଭାପତି, ସିଓଏନ୍‌ଓଆର୍ କର୍ତ୍ତୃପକ୍ଷ, ବିଜୁ ପଟ୍ଟନାୟକ ବିମାନବନ୍ଦରର କର୍ତ୍ତୃପକ୍ଷ ଏବଂ ରପ୍ତାନୀ ଉନ୍ନୟନ ବାଣିଜ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ରପ୍ତାନୀ ଉନ୍ନୟନ ବାଣିଜ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଆଲୋଚନା ମାଧ୍ୟମରେ ରାଜ୍ୟରୁ ୨୦୧୯-୨୦ ଆର୍ଥିକ ବର୍ଷରେ ୩୦୨୯ କୋଟି ଟଙ୍କା ମୂଲ୍ୟର ସାମୁଦ୍ରିକ ଦ୍ରବ୍ୟ ରପ୍ତାନୀ ହୋଇଥିବାରୁ ଏହି ଅଭିବୃଦ୍ଧି ନିମନ୍ତେ ଓଡ଼ିଶାର ରପ୍ତାନୀକାରୀମାନଙ୍କୁ ପ୍ରଶଂସା କରାଯାଇଥିଲା। ପାରାଦୀପ ଆନ୍ତର୍ଜାତିକ ପଣ୍ୟବାହୀ ଟର୍ମିନାଲ୍‌ର ଅଧ୍ୟକ୍ଷ ଜଣାଇଥିଲେ ଯେ ପାରାଦୀପରେ କଣ୍ଟେନର ମାଧ୍ୟମରେ ରପ୍ତାନୀ ନିମନ୍ତେ ସମସ୍ତ ଭିତ୍ତିଭୂମି ପ୍ରସ୍ତୁତ ହୋଇସାରିଛି କିନ୍ତୁ ଅନ୍ତର୍ଜାତୀୟ ଜାହାଜ ଆସୁନଥିବାରୁ ରପ୍ତାନୀ ହୋଇପାରୁନାହିଁ। ଏଥିପାଇଁ ପଦକ୍ଷେପ ସ୍ୱରୂପ ପାରାଦୀପ ବନ୍ଦରରୁ ମତ୍ସ୍ୟ ରପ୍ତାନୀ ନିମନ୍ତେ ଅନ୍ତର୍ଜାତୀୟ ଜାହାଜ ପରିବହନ ସଂସ୍ଥାକୁ ନିର୍ଦ୍ଦେଶ ଦେବା ନିମନ୍ତେ ସଞ୍ଜୟ ବନ୍ଦୋପାଧ୍ୟାୟ, ଅତିରିକ୍ତ ସଚିବ, ବେସାମରିକ ପରିବହନ ମନ୍ତ୍ରଣାଳୟକୁ ପ୍ରମୁଖ ଶାସନ ସଚିବ ଅନୁରାଧ କରିଥିବା ଗୃହକୁ ଜଣାଇଥିଲେ। ମତ୍ସ୍ୟ ନିର୍ଦ୍ଦେଶକ ଅଧିକ ମତ୍ସ୍ୟ ଉତ୍ପାଦନ ନିମନ୍ତେ ସରକାରୀ ଜମି ଯୋଗାଇବା ପାଇଁ ରାଜସ୍ୱ ବିଭାଗକୁ ଜଣାଇବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏ ଦିଗରେ ନୂତନ ପଦକ୍ଷେପ ଭାବେ ପାରାଦୀପ ବନ୍ଦର ଅଧ୍ୟକ୍ଷ ରିଙ୍କେସ୍ ରଏ ଜାହାଜ ଚଳାଚଳ ସଂସ୍ଥାକୁ ଅଧିକ ଆର୍ଥିକ ରିହାତି ଦେବା ନିମନ୍ତେ ସହମତି ପ୍ରଦାନ କରିଥିଲେ। ସେହିପରି ମତ୍ସ୍ୟ ନିର୍ଦ୍ଦେଶକ ପ୍ରାୟ ୩୭ ହଜାର ଏକର ଜମିରେ ଖାରିପାଣି ମତ୍ସ୍ୟଚାଷ ନିମନ୍ତେ ମତ୍ସ୍ୟ ଓ ପଶୁପାଳନ ବିଭାଗକୁ ଅନୁରୋଧ କରଯିବ। ରାଜ୍ୟର ରପ୍ତାନୀକାରୀଙ୍କ ଆଇଇସି ନମ୍ବର ପ୍ରଦାନ ନିମନ୍ତେ କଟକ ମହାନିର୍ଦ୍ଦେଶକ ବହିଃବାଣିଜ୍ୟ ଶାଖା କାର୍ଯ୍ୟାଳୟକୁ ପୁନଃ ଅବସ୍ଥାପିତ କରିବା ନିମନ୍ତେ ପ୍ରମୁଖ ଶାସନ ସଚିବ, ଡିଜିଏଫ୍‌ଟିର ମହାନିର୍ଦ୍ଦେଶକ ଅମିତ୍ ଯାଦବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଅମରନାଥ ଓ ଜ୍ୱାଳାଜୀ ମନ୍ଦିର



ପ୍ରକୃତିର ରହସ୍ୟମୟ ରୂପ। କୋଣ ଅନୁକୋଣରେ ଭରି ରହିଛି ରହସ୍ୟର ଉପାଦାନ। ବାୟୁ, ଜଳ, ଆକାଶ, ପର୍ବତ ବୃକ୍ଷ ଲତା ସବୁଠାରେ ଲୋକବିଶ୍ୱାସରେ ରହିଛି ଈଶ୍ୱରୀୟ ସତ୍ତାର ଉପସ୍ଥିତି। ଆଉ ଆମେ ଆପଣଙ୍କୁ ଅନେକ ଥର କହିଛୁ ଯେଉଁଠାରେ ଈଶ୍ୱରୀୟ ସତ୍ତାର ଉପସ୍ଥିତି ରହିଛି ସେହିଠାରେ ରହିଛି ରହସ୍ୟ। ଆସନ୍ତୁ ଯିବା ଜମ୍ମୁକାଶ୍ମୀର ରାଜ୍ୟର ଏକ ପ୍ରମୁଖ ଶୈବପୀଠ ଅମରନାଥ। ଜମ୍ମୁକାଶ୍ମୀର ରାଜ୍ୟର ରାଜଧାନୀ ଶ୍ରୀନଗରଠାରୁ ପ୍ରାୟ ୧୮୧ କିଲୋମିଟର ଯିବା ପରେ ଏହି ଶୈବପୀଠ ପଡ଼ିଥାଏ। ଏହି ମନ୍ଦିରଟି ସମୁଦ୍ରପତନ ଠାରୁ ପ୍ରାୟ ୧୨୭୫୬ ଫୁଟ ଉପରେ ଅବସ୍ଥିତ। ଏଠାରେ ଭଗବାନ ଶିବଙ୍କର ବରଫ ଲିଙ୍ଗଙ୍କୁ ଭକ୍ତମାନେ ଏକ ଗୁମ୍ଫା ମଧ୍ୟରେ ଦର୍ଶନ କରିଥାନ୍ତି। ଏହି ଯାତ୍ରା ସାଧାରଣତଃ ଜୁଲାଇ, ଅଗଷ୍ଟ ମାସରେ ହିଁ ପଡ଼ିଥାଏ। ଆଉ ପ୍ରତ୍ୟେକ ବର୍ଷ ଅନେକ ଶ୍ରଦ୍ଧାଳୁ ଏଠାକୁ ଆସି ଭଗବାନ ଶିବଙ୍କ ଏହି ବରଫ ଲିଙ୍ଗଙ୍କୁ ଦର୍ଶନ କରିଥାନ୍ତି। ପ୍ରକୃତରେ ଏଠାରେ ଏକ ଗୁମ୍ଫା ମଧ୍ୟରେ ହିଁ ଏହି ବରଫ ଲିଙ୍ଗଙ୍କୁ ଦର୍ଶନ କରିଥାନ୍ତି। ଆଉ ହିନ୍ଦୁ ଧର୍ମବିଶ୍ୱାସୀମାନଙ୍କ ପାଇଁ ଏହି କ୍ଷେତ୍ର ହେଉଛି ଖୁବ୍ ପବିତ୍ର। ବିଶ୍ୱାସ ଅନୁସାରେ ଅମରନାଥର ଏହି ଗୁମ୍ଫାରେ ପାହାଡ଼ରୁ ପାଣି ଝରି ଏହି ଲିଙ୍ଗ ଆବିର୍ଭାବ ହୋଇଥାଏ। ଆଉ ଯେଉଁ ସମୟ ପର୍ଯ୍ୟନ୍ତ ଲିଙ୍ଗର ଆକାରରେ ପରିବର୍ତ୍ତନ ହୁଏ ନାହିଁ, ସେ ପର୍ଯ୍ୟନ୍ତ ବରଫ ଲିଙ୍ଗକୁ ପୂଜା କରିଥାନ୍ତି ଭକ୍ତ ଓ ଶ୍ରଦ୍ଧାଳୁ। ଏପରିକି ଭଗବାନ ଶିବଙ୍କର ଏହି ବରଫ ଲିଙ୍ଗ ନିକଟରେ ଆଉ ଦୁଇଟି ଛୋଟ ବରଫ ମୂର୍ତ୍ତି ଦେଖିବାକୁ ମିଳେ। ଆଉ ଲୋକ ବିଶ୍ୱାସ ଅନୁସାରେ ଏହି ଦୁଇଟି ବରଫ ମୂର୍ତ୍ତି ହେଉଛି ମାତା ପାର୍ବତୀ ଓ ବିଘ୍ନବିନାଶକ ଗଜାନନଙ୍କର। ବିଶ୍ୱାସ ଅନୁସାରେ ଏହି ଗୁମ୍ଫା ମଧ୍ୟରେ ଭଗବାନ ଶିବ, ମାତା ପାର୍ବତୀଙ୍କୁ ଜୀବନାଦର୍ଶନ ସମ୍ପର୍କରେ ମାତା ପାର୍ବତୀଙ୍କୁ ବୁଝାଇଥିଲେ। ଭାବନ୍ତୁ କେତେ ରହସ୍ୟମୟ କଥା। ଭାରତରେ ଶୈବ ଉପାସନାର ଧାରା ଖୁବ୍ ପ୍ରାଚୀନ। ଭଗବାନ ଶିବଙ୍କର ଭାରତରେ ବିଭିନ୍ନ ସ୍ଥାନରେ ପ୍ରସିଦ୍ଧ ପୀଠମାନ ରହିଛି। ଆଉ ପ୍ରାୟ ସବୁ ପୀଠରେ ଭଗବାନ ଶିବଙ୍କର ପଥରରେ ନିର୍ମିତ ଲିଙ୍ଗକୁ ପୂଜା କରାଯାଏ। ବିଶ୍ୱାସ ଅନୁସାରେ ଶିବଲିଙ୍ଗଙ୍କୁ ସ୍ୱୟଂ ପ୍ରକଟିତ ହୋଇଥିବା ବିଶ୍ୱାସ କରାଯାଏ। ସେହିଭଳି ଅମରନାଥ ଗୁମ୍ଫାରେ ମଧ୍ୟ ଦର୍ଶନ ଦେଉଥିବା ଶିବଲିଙ୍ଗଙ୍କୁ ସ୍ୱୟଂପ୍ରକଟ ହୋଇଥିବା ବିଶ୍ୱାସ କରାଯାଏ। ହେଲେ ସବୁଠାରୁ ଆଶ୍ଚର୍ଯ୍ୟକର ବିଷୟ ହେଲା କେମିତି ପ୍ରତ୍ୟେକ ବର୍ଷ କେବଳ ଶିବଲିଙ୍ଗ ଆକୃତିର ବରଫ ଜମା ହେଉଛି ଗୁମ୍ଫା ଭିତରେ? କେମିତି ଶିବଲିଙ୍ଗ ପାର୍ଶ୍ୱରେ ଦୁଇଟି ବରଫ ମୂର୍ତ୍ତି ପ୍ରତିବର୍ଷ ସୃଷ୍ଟି ହେଉଛି। ହିନ୍ଦୁ ଧର୍ମବିଶ୍ୱାସୀ ମାନେ ଏହାକୁ ଭଗବାନ ଶିବଙ୍କର ଅଲୌକିକତା ଭାବେ ଗ୍ରହଣ କରି ନେଇଛନ୍ତି। ଏ ହେଉଛି ରହସ୍ୟମୟ ପ୍ରକୃତିର ଆଉ ଏକ ଉଦାହରଣ। ଆଉ ଏଠାରେ ମଧ୍ୟ ପ୍ରକୃତିର ରହସ୍ୟ ଭିତରେ ରହିଛି ଈଶ୍ୱରୀୟ ସତ୍ତାର ଉପସ୍ଥିତି। ତେଣୁ ତାହା ବର୍ଷବର୍ଷ ଧରି ଲୋକବିଶ୍ୱାସରେ ରହିଛି। ପ୍ରକୃତିର ଆଶ୍ଚର୍ଯ୍ୟକର ରୂପ। କେଉଁଠି ପର୍ବତରେ ଲେଖାଯାଉଛି ବରଫରେ ଲେଖିହେଉଛି ଓଁ ପୁଣି ଆଉ କେଉଁ କେଉଁଠି ବରଫରେ ସୃଷ୍ଟିହେଉଛି ଶିବ ଲିଙ୍ଗ । ଆଉ ଏସବୁ ଉପରେ ରହିଛି ହିନ୍ଦୁ ଧର୍ମବିଶ୍ୱାସୀଙ୍କ ଅଖଣ୍ଡ ବିଶ୍ୱାସ। ତାହା ପୁଣି ଚାଲିଛି ବର୍ଷ ବର୍ଷ ଧରି। ଜମ୍ମୁକଶ୍ମୀର ରାଜ୍ୟର ପହଲ ଗ୍ରାମଠାରୁ ଆପଣ ଚାଲିଚାଲି ଯିବାକୁ ପଡ଼ିବ ଅମରନାଥଙ୍କ ପବିତ୍ର ପୀଠରେ ପହଂଚିବା ପାଇଁ ଆଉ ସମୁଦ୍ରପତ୍ତନ ଠାରୁ ଏହା ଉଚ୍ଚରେ ରହିଥିବାରୁ ଏଠାରେ ପ୍ରବଳ ଥଣ୍ଡା ଅନୁଭବ କରିଥାନ୍ତି ଭକ୍ତ ଓ ଶ୍ରଦ୍ଧାଳୁମାନେ। ତଥାପି ଶିବ ଭକ୍ତିରେ ବିଶ୍ୱାସରଖି ଭକ୍ତମାନେ ଶେଷରେ ଦର୍ଶନ କରିଥାନ୍ତି ବରଫ ଶିବ ଲିଙ୍ଗକୁ ଆଉ ସେମାନଙ୍କ ମନ ଭଗବାନ ଶିବଙ୍କର ଅଲୌକିକତାରେ ପରିପୂର୍ଣ୍ଣ ହୋଇଯାଏ। ଅବଶ୍ୟ ଏହି ସ୍ଥାନକୁ ନେଇ କିମ୍ବଦନ୍ତି, ଶାସ୍ତ୍ର ପୁରାଣରେ ବର୍ଣ୍ଣନା ମଧ୍ୟ ରହିଛି। ସୂଚନାଅନୁସାରେ ବିଶିଷ୍ଟ ରାଜା ଆର୍ଯ୍ୟରାଜ ପ୍ରାୟ ଖ୍ରୀଷ୍ଟପୂର୍ବ ୩୩୦ ବେଳକୁ ବରଫ ଶିବ ଲିଙ୍ଗ ଉପାସନା କଶ୍ମୀରରେ କରିଥିବା ଜଣାଯାଏ। ସେହିପରି ପ୍ରଖ୍ୟାତ ଗ୍ରନ୍ଥ ରାଜତରଙ୍ଗୀଣିରେ ଅମରେଶ୍ୱର ବା ଅମରାନାଥଙ୍କର ବର୍ଣ୍ଣନା ମଧ୍ୟ ରହିଛି। ସେହିପରି ବିଶ୍ୱାସ ରହିଛି ଯେ ରାଣୀ ସୂର୍ଯ୍ୟମଥି ଏକାଦଶ ଶତାବ୍ଦୀରେ ବାବା ଅମରନାଥଙ୍କର ନିକଟରେ ତ୍ରିଶୂଳ ଓ ମନ୍ଦିରର ବିଭିନ୍ନ ଉପକରଣ ପ୍ରଦାନ କରିଥିଲେ। ସେହିପରି ଅମରନାଥଙ୍କ ଆବିର୍ଭାବକୁ ନେଇ ରହିଛି ଅନେକ କିମ୍ବଦନ୍ତୀ ଓ କାହାଣୀ। କୁହାଯାଏ ବାବା ଅମରନାଥ ଯେଉଁ ସ୍ଥାନରେ ଅବସ୍ଥାନ କରିଛନ୍ତି ହିମାଳୟର ସେହି ସ୍ଥାନ ସମ୍ପୂର୍ଣ୍ଣ ଜଳମଗ୍ନ ରହିଥିଲା ଆଉ କଶ୍ୟପ ମୁନି ଏହି ଜଳକୁ ନିଷ୍କାସନ କରିବା ପାଇଁ ବିଭିନ୍ନ ନଦୀ ସୃଷ୍ଟି କଲେ। ଆଉ ଯେତେବେଳେ ଜଳ ଏହି ଅଂଚଳରୁ ନିଷ୍କାସିତ ହୋଇଗଲା ସେତେବେଳେ ଭୃଗୁମୁନି ଏହି ସ୍ଥାନରେ ବାବା ଅମରନାଥଙ୍କୁ ପ୍ରଥମେ ଦର୍ଶନ କରିଥିଲେ। ଆଉ ତା ପରେ ଅମରନାଥଙ୍କ ମହିମା ବିଷୟ ଜନ ସାଧାରଣ ଜାଣିବାକୁ ପାଇଥିଲେ। ସେହିପରି ୧୬୬୩ ମସିହାରେ ମୋଗଲ ଶାସକ ଅଔରଙ୍ଗଜେବଙ୍କ ସହ ଜଣେ ଫରାସୀ ଡାକ୍ତର କାଶ୍ମୀର ଆସିଥିଲେ। ଆଉ ସେ ତାଙ୍କର ପୁସ୍ତକ ଟ୍ରାଭେଲ ଇନ ମୋଗଲ ଏମ୍ପାୟାରରେ ସ୍ପଷ୍ଟ ଭାବେ ବାବା ଅମରନାଥଙ୍କର ଉଲ୍ଲେଖ କରିଛନ୍ତି। ତେଣୁ ଏହି ବାବା ଅମର ନାଥଙ୍କ ବରଫ ଶିବଲିଙ୍ଗ ଯେ ଖୁବ୍ ପୁରୁଣା ତାହା ଜଣାପଡୁଛି। ଏହି ଶିବଲିଙ୍ଗଙ୍କୁ ନେଇ ଅନେକ ଅଲୌକିକତା ଶୁଣିବାକୁ ମିଳେ କୁହାଯାଏ ଯେ ଶିବଲିଙ୍ଗ ଦର୍ଶନ ସମୟରେ ଚନ୍ଦ୍ରଙ୍କ ଗତି ଅନୁସାରେ ଶିବଲିଙ୍ଗର ଆକାରରେ ପରିବର୍ତ୍ତନ ହୋଇଥାଏ। ଏବଂ ଆହୁରି ମଧ୍ୟ କୁହାଯାଏ ଯେ ଦେବଦେବ ମହାଦେବ ଏହି ସ୍ଥାନରେ ନିଜର ଶରୀରର ସମସ୍ତ ଆଭୁଷଣ ଯଥା ଚନ୍ଦ୍ର, ସର୍ପ ଇତ୍ୟାଦିଙ୍କୁ ଏହି ସ୍ଥାନରେ ଛାଡି ଅମରନାଥ ଗୁମ୍ଫାରେ ମାତା ପାର୍ବତୀଙ୍କ ସହ ଅବସ୍ଥାନ କରିଥିଲେ। ଆଉ ବର୍ଷବର୍ଷ ଧରି ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଏହିଠାରେ ଦର୍ଶନ ଦେଉଛନ୍ତି।



ପ୍ରକୃତିର ଆଉ ଏକ ରହସ୍ୟମୟ ଉପାଦାନ ଅଗ୍ନି ବା ନିଆଁ। ହିନ୍ଦୁ ଧର୍ମବିଶ୍ୱାସୀ ମାନଙ୍କ ପାଇଁ ଅଗ୍ନି ହେଉଛନ୍ତି ଦେବତା। ଯାଗଯଜ୍ଞ ଠାରୁ ଆରମ୍ଭ କରି ଶବ ଦାହ ପର୍ଯ୍ୟନ୍ତ ଅଗ୍ନିଙ୍କ ଉପସ୍ଥିତି ହିନ୍ଦୁ ପରମ୍ପରାରେ ରହିଛି। ଆଉ ହିନ୍ଦୁଶାସ୍ତ୍ର ଅନୁସାରେ ଅଗ୍ନି ପଞ୍ଚଭୂତର ଅନ୍ୟତମ ଉପାଦାନ। ଆଉ ମଣିଷର ଶରୀର ପଞ୍ଚଭୂତରେ ସୃଷ୍ଟି ହୋଇଥାଏ ଆଉ ମୃତ୍ୟୁପରେ ପଞ୍ଚଭୂତରେ ବିଲୀନ ହୋଇଯାଏ। ଏମିତି ଅନେକ ବିଶ୍ୱାସ ରହିଛି ଅଗ୍ନିଙ୍କୁ ନେଇ। ତେବେ ଭାରତରେ ଏମିତି ଅନେକ ସ୍ଥାନ ରହିଛି ଯେଉଁ ସ୍ଥାନରେ ଅଗ୍ନିଶିଖାକୁ ଶକ୍ତିସ୍ୱରୂପ ଭାବରେ ପୂଜା କରାଯାଏ। ଉତ୍ତର ଭାରତର ଏକ ପ୍ରମୁଖ ରାଜ୍ୟ ହିମାଚଳପ୍ରଦେଶ। ଏହି ରାଜ୍ୟର କାଙ୍ଗ୍ରା ଜିଲ୍ଲାରେ ରହିଛି ଜ୍ୱାଲାଜୀ ମନ୍ଦିର। ଯେଉଁଠାରେ ପାହାଡର ଏକ ଛୋଟ ଗୁମ୍ଫାରେ ଅହରହ ପ୍ରଜ୍ୱଳିତ ହେଉଥାଏ ଏକ କ୍ଷୀଣ ଅଗ୍ନିଶିଖା। ବିଶ୍ୱାସଅନୁସାରେ ଏହି ଅଗ୍ନୀଶିଖା କେବେହେଲେ ଲିଭେ ନାହିଁ। ଆପଣ କହିବେ ଏହା କିପରି ସମ୍ଭବ? କିନ୍ତୁ କାଙ୍ଗ୍ରାର ଏହି ଜ୍ୱାଲାଜୀ ମନ୍ଦିରରେ ଏହି ଶିଖା ବର୍ଷବର୍ଷ ଧରି ଜଳୁଛି। ଏହି ଜ୍ୱାଲାଜୀଙ୍କୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ମାତା ସତୀଙ୍କର ଜିହ୍ୱା। ବିଶ୍ୱାସ ଅନୁସାରେ ଦେବଦେବ ମହାଦେବ ମାତା ସତୀଙ୍କ ମୃତ ଶରୀର ଧରି ତାଣ୍ଡବ ନୃତ୍ୟ କରିବା ସମୟରେ ମାତା ସତୀଙ୍କର ଜିହ୍ୱା ପଡ଼ିଥିଲା। ଆଉ ସେହି ଜ୍ୱାହା ଅଗ୍ନୀ ସ୍ୱରୂପା ଭାବରେ ଏଠାରେ ଆବିର୍ଭୂତ ହୋଇ ଉପାସିତ ହେଉଛନ୍ତି। ଆଉ ବିଶ୍ୱାସ ରହିଛି ଯେ ମହାଭାରତର ବର୍ଣ୍ଣନା ଅନୁସାରେ ଭାରତରେ ଏମିତି ଅନେକ ସ୍ଥାନ ରହିଛି ଯେଉଁଠାରେ ଏଭଳି ଅଗ୍ନିଶିଖା ପ୍ରଜ୍ୱଳିତ ହୋଇରହିଛି। ତା ମଧ୍ୟରୁ କାଙ୍ଗ୍ରାର ଏହି ଜ୍ୱାଲାଜୀ ମନ୍ଦିର ଅନ୍ୟତମ। ଏବଂ ଭାରତର ଅନେକ ସ୍ଥାନରେ ଜ୍ୱାଲା ଦେବୀ ମନ୍ଦିର ମଧ୍ୟ ଦେଖିବାକୁ ମିଳେ। ହେଲେ କାଙ୍ଗ୍ରାର ଏହି ମନ୍ଦିର ନିହାତି ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ମନରେ ମାତୃଶକ୍ତିର ଅଲୌକିକ ରୂପର ବିଶ୍ୱାସ ହିଁ ଜାଗ୍ରତ କରାଉଛି। ଏକ ଅଗ୍ନୀ ଶିଖା ଏତେ ବର୍ଷ ଧରି ଜଳୁଛି କିପରି? ଆପଣ ଏହି ମନ୍ଦିରକୁ ଗଲେ ଦେଖିବେ ଏକ ଚାରକୋଣିଆ ମନ୍ଦିରର ଏକ କୋଣରେ ଏକ ଛୋଟ ଗୁମ୍ଫାରେ ଅହରହ ଜଳୁଛି ଏକ ଅଗ୍ନିଶିଖା। ନିଆଁ ବା ଅଗ୍ନି ପ୍ରଜ୍ୱଳନ କରିବା ପାଇଁ ଆବଶ୍ୟକ ପଡେ ତେଲ, ଘିଅ ଭଳି ପଦାର୍ଥ ହେଲେ ଏଠାରେ ସେପରି କିଛି ବି ଦେଖିବାକୁ ମିଳେ ନାହିଁ। ଆପେ ଆପେ ଜଳୁଛି ଅଗ୍ନୀ। ତାହା ପୁଣି ବର୍ଷବର୍ଷ ଧରି। କେମିତି ସମ୍ଭବ ଏହା ତା ହେଲେ ସତରେ କଣ ମାତା ସତୀଙ୍କର ଜିହ୍ୱା ଏଠାରେ ପ୍ରଜ୍ୱଳିତ ଅବସ୍ଥାରେ ଅଛି। ଏମିତି ଅନେକ କଥା ଭକ୍ତ ମନକୁ ଆସିଲେ ମଧ୍ୟ ଶେଷରେ ବିଶ୍ୱାସର ସହ ମାତା ଜ୍ୱାଲାଜୀଙ୍କୁ ମନସ୍କାମନା ଜଣାଇଥାଏ। ହିମାଚଳପ୍ରଦେଶର ରହସ୍ୟମୟ ଜ୍ୱାଲାଜୀ ମନ୍ଦିର। ଯେଉଁଠାରେ ଅହରହ ଜଳୁଛି ଅଗ୍ନୀଶିଖା। ଲୋକ ବିଶ୍ୱାସରେ ଅଗ୍ନିଶିଖା ନୁହେଁ ଏହା ହେଉଛି ମାତା ସତୀଙ୍କର ଶରୀରର ଅଂଶ। ଜ୍ୱାଲାଜୀଙ୍କର ଆବିର୍ଭାବକୁ ନେଇ ରହିଛି ଅନେକ ଲୋକକଥା ଓ ଲୋକବିଶ୍ୱାସ।




କୁହାଯାଏ ଜଣେ ଗାଇଆଳ ଏହି ସ୍ଥାନରେ ପ୍ରତିଦିନ ଗାଈ ଚରାଇବା ବେଳେ ଦେଖେ ତାର ଗାଈର କ୍ଷୀର ଜଣେ ବାଳିକା ପିଇଦେଉଛି ଆଉ ସେ ଏ ବିଷୟରେ ରାଜାଙ୍କୁ ଅବଗତ କରାଇଥିଲା। ରାଜା ପୂର୍ବରୁ ଜାଣିଥିଲେ ଯେ ଏହି ସ୍ଥାନରେ ସତୀ ମାତାଙ୍କର ଜିହ୍ୱା ପଡ଼ିଛି ହେଲେ ତାଙ୍କୁ ସେହି ସ୍ଥାନର ନିର୍ଦ୍ଦିଷ୍ଟ ଠିକଣା ଜଣାନଥିଲା। ତେଣୁ ସେ ଗାଇଆଳର କଥା ଶୁଣି ସେହି ସ୍ଥାନକୁ ଠାବ କରିବା ପାଇଁ ଚେଷ୍ଟା କରିଥିଲେ। ହେଲେ ରାଜା ଏଥିରେ ସଫଳ ହୋଇନଥିଲେ ହେଲେ କିଛି ବର୍ଷପରେ ଗାଈଆଳ ଆସି ଖବର ଦେଇଥିଲା ଯେ ଏକ ଗୁମ୍ଫାରେ ଏକ ଅଗ୍ନୀଶିଖା ଅହରହ ଜଳୁଛି। ଆଉ ଯେହେତୁ ରାଜା ଆଗରୁ ଜାଣିଥିଲେ ତେଣୁ ସେ ଗୁମ୍ଫା ନିକଟକୁ ଯାଇ ମାତା ଜ୍ୱାଲାଜୀଙ୍କୁ ଦର୍ଶନ କରିଥିଲେ। ଆଉ ଏଠାରେ ଏକ ମନ୍ଦିର ମାତା ଜ୍ୱାଲାଜୀଙ୍କ ପାଇଁ ନିର୍ମାଣ କରିଥିଲେ। ଆଉ ବିଶ୍ୱାସଅନୁସାରେ ପାଣ୍ଡବମାନେ ଏହି ମନ୍ଦିରର ପରବର୍ତ୍ତୀ ସମୟରେ ପୁନଃନିର୍ମାଣ କରିଥିଲେ। ସେହିପରି ଜ୍ୱାଲାଜୀଙ୍କ ଅଲୌକିକତାକୁ ନେଇ ରହିଛି ଅନେକ କାହାଣୀ ଓ ଲୋକକଥା। ଲୋକକଥା ଅନୁସାରେ ଧାନ୍ୟୁ ଭଗତ ନାମକ ଜଣେ ଭକ୍ତ ଜ୍ୱାଲାଜୀ ମାତାଙ୍କ ଦର୍ଶନ କରିବା ପାଇଁ ଦିଲ୍ଲୀରୁ ଆସିଥିଲେ। ଏହି ଖବର ମୋଗଲ ସମ୍ରାଟ ଆକବରଙ୍କ ନିକଟରେ ପହଂଚିଥିଲା। ଆକବର ଧାନ୍ୟୁଭଗତକୁ ନିଜ ରାଜ ଦରବାରକୁ ଡକାଇ ମାତାଙ୍କ ଅଲୌକିକତା ବିଷୟରେ ପଚାରିଥିଲେ ଆଉ ଭଗତ ମାତା ଖୁବ୍ ପ୍ରତ୍ୟକ୍ଷ ଓ ଭକ୍ତଙ୍କ ପ୍ରାର୍ଥନା ଶୁଣି ପାରନ୍ତି ବୋଲି କହିଥିଲେ। ଆଉ ସମ୍ରାଟ ଆକବର ମାତାଙ୍କ ଶକ୍ତି ପରୀକ୍ଷା କରିବା ପାଇଁ ଭଗତଙ୍କ ଘୋଡାର ମୁଣ୍ଡ କାଟି ଦେଇଥିଲେ। ଆଉ ଭକ୍ତ ଭଗତଙ୍କୁ କହିଥିଲେ ଜ୍ୱାଲା ମାତାଙ୍କୁ ପ୍ରାର୍ଥନା କରି ଘୋଡାର ମୁଣ୍ଡ ଯୋଡ଼ି ଦେବା ପାଇଁ । ଆଉ ଧାନ୍ୟୁ ଭଗତ ଜ୍ୱାଲାଜୀଙ୍କ ନିକଟକୁ ଆସି ପ୍ରାର୍ଥନା କରିଥିଲେ। ଆଉ ମାତା ତାଙ୍କ ପ୍ରାର୍ଥନା ଶୁଣିବାକୁ ଡେରି କରିବାରୁ ସେ ନିଜ ମୁଣ୍ଡ ମାତା ଜ୍ୱାଲାଜୀଙ୍କ ନିକଟରେ କାଟିଦେଇଥିଲେ। ଏହା ପରେ ସିଂହବାହୀନି ମାତା ଭକ୍ତ ଭଗତଙ୍କୁ ଦର୍ଶନ ଦେଇଥିଲେ। ଆଉ ଆର୍ଶୀବାଦ ପ୍ରଦାନ କରି ଉଭୟ ଘୋଡା ଓ ଭକ୍ତଙ୍କର ମୁଣ୍ଡ ତାଙ୍କ ଶରୀରରେ ଯୋଡ଼ି ଦେଇଥିଲେ। ସେହିଦିନ ଠାରୁ ଜ୍ୱାଲାଜୀ ମାତା ନିର୍ଦ୍ଦେଶ ଅନୁସାରେ ଭକ୍ତମାନେ ନିଜ ମୁଣ୍ଡ ବଦଳରେ ନଡ଼ିଆ ଭୋଗ କରି ନିଜ ମନସ୍କାମନା ପୂର୍ଣ୍ଣ ପାଇଁ ଜ୍ୱାଲାଜୀଙ୍କୁ ପ୍ରାର୍ଥନା କରୁଛନ୍ତି। ହିମାଚଳ ପ୍ରଦେଶର କାଙ୍ଗ୍ରା ନିକଟରେ ଥିବା ଏହି ଜ୍ୱାଲାଜୀ ମାତା ମନ୍ଦିର ଏବେବି ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ପାଇଁ ଆସ୍ଥା ଓ ବିଶ୍ୱାସର ପ୍ରତୀକ ପାଲଟିଛି।

## ହସ୍ତତନ୍ତ ଓ ହସ୍ତଶିଳ୍ପକୁ ପ୍ରୋତ୍ସାହନ ପାଇଁ ପଦକ୍ଷେପ

# ଫ୍ଲିପ୍‌କାର୍ଟରେ ଖୋଲିବ ବୟନିକା, ଉତ୍କଳିକା ଓ ସମ୍ବଲପୁରୀ ବସ୍ତ୍ରାଳୟ ଷ୍ଟୋର

**ଭୁବନେଶ୍ୱର :** ଏଥର ଘରୋଇ ଇ-କମର୍ସ ମାର୍କେଟ୍‌ପ୍ଲେସ୍, ଫ୍ଲିପ୍‌କାର୍ଟରେ ଓଡ଼ିଶାର କଳା, ହସ୍ତଶିଳ୍ପ ଓ ହସ୍ତତନ୍ତର ପ୍ରୋତ୍ସାହନ। ଇ-କମର୍ସ କ୍ଷେତ୍ରକୁ ହସ୍ତତନ୍ତ ଓ ହସ୍ତଶିଳ୍ପ କ୍ଷେତ୍ରକୁ ଆଣିବା ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ। ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଥିବା ହସ୍ତଶିଳ୍ପୀ ଓ ବୁଣାକାରମାନେ ଇ-ମାର୍କେଟିଂ ମାଧ୍ୟମରେ କରାଯାଉଥିବା ବ୍ୟବସାୟ ସମ୍ବନ୍ଧୀୟ ଜ୍ଞାନ ଆହରଣ କରିବା ସହିତ ନିଜର ଉତ୍ପାଦନକୁ ଭାରତ ତଥା ବିଶ୍ୱ ବଜାରରେ ଉପସ୍ଥାପନ କରିପାରିବେ ଏବଂ ବିକ୍ରି କରିପାରିବେ। ବୟନିକା, ଉତ୍କଳିକା ଓ ସମ୍ବଲପୁରୀ ବସ୍ତ୍ରାଳୟ ଆଦି ଫ୍ଲିପ୍‌କାର୍ଟ ମାର୍କେଟ୍‌ପ୍ଲେସ୍‌ରେ ଖୋଲିବେ ନିଜର ଷ୍ଟୋର୍। ଏଥିପାଇଁ ଫ୍ଲିପ୍‌କାର୍ଟ ପକ୍ଷରୁ ରାଜ୍ୟ ସରକାରଙ୍କ ସହ ଏକ ଚୁକ୍ତିନାମା ସ୍ୱାକ୍ଷର କରାଯାଇଛି। ଫ୍ଲିପ୍‌କାର୍ଟ-ସମର୍ଥ କାର୍ଯ୍ୟକ୍ରମ ଅଧିନରେ ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଡେଭଲପ୍‌ମେଣ୍ଟ ଅଫ୍ ଆର୍ଟସ୍ ଆଣ୍ଡ୍ କ୍ରାଫ୍ଟସ୍ ସହିତ ଏହି ସହଭାଗିତା ଓଡ଼ିଶାର ସ୍ଥାନୀୟ କାରିଗର, ବୁଣାକାର ଓ ଶିଳ୍ପୀମାନଙ୍କୁ ନିଜର ହଲ୍‌ମାର୍କ ଉତ୍ପାଦଗୁଡ଼ିକୁ ଦେଶର ଲକ୍ଷ ଲକ୍ଷ ଗ୍ରାହକଙ୍କ ନିକଟରେ ପ୍ରଦର୍ଶିତ କରିବା ପାଇଁ ସକ୍ଷମ କରିବ। ଉଭୟ ଏସ୍‌ଆଇଡିଏସି ଓ ଫ୍ଲିପ୍‌କାର୍ଟ ସମାଜର ଅଣସଂରକ୍ଷିତ ବର୍ଗର ଲୋକମାନଙ୍କ ପାଇଁ ବାଣିଜ୍ୟ ସୁଯୋଗ ଓ ବ୍ୟବସାୟ ବୃଦ୍ଧି ପାଇଁ ନୂତନ ମାର୍ଗ ସୃଷ୍ଟି କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିବେ, ଯାହା ଫଳରେ ମେକ୍ ଇନ୍ ଇଣ୍ଡିଆ ପ୍ରୟାସକୁ ଅଧିକ ଉତ୍ସାହିତ ଓ ପ୍ରୋତ୍ସାହନ ମିଳିବ। ଏହି ଚୁକ୍ତିନାମାର ଅଂଶଭାବେ ଫ୍ଲିପ୍‌କାର୍ଟ ପ୍ରତିଷ୍ଠିତ ସ୍ଥାନୀୟ ଓଡ଼ିଆ ବ୍ରାଣ୍ଡ୍ ବୟନିକା, ଉତ୍କଳିକା ଓ ସମ୍ବଲପୁରୀ ବସ୍ତ୍ରାଳୟ ଆଦି ଉଦ୍ୟୋଗଗୁଡ଼ିକ ସହ କାର୍ଯ୍ୟ କରିବ, ଯେଉଁମାନେ କି ରାଜ୍ୟ ସରକାରଙ୍କ ସହ ଜଡ଼ିତ କାରିଗର ଓ ବୁଣାକାରଙ୍କ ବ୍ୟତୀତ ଓଡ଼ିଶାର ସର୍ବୋତ୍ତମ ହସ୍ତଶିଳ୍ପ ଓ ହସ୍ତତନ୍ତ ଉତ୍ପାଦଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟରେ ସ୍ଥାନୀୟ କାରିଗର ଓ ବୁଣାକାରମାନଙ୍କ ସହ କାମ କରୁଛନ୍ତି। ଏହି ହସ୍ତତନ୍ତ, ବୟନଶିଳ୍ପ ଏବଂ



ହସ୍ତଶିଳ୍ପ ବିଭାଗର ଅତିରିକ୍ତ ସଚିବ କୈଳାଶ ଚନ୍ଦ୍ର ସାହୁ କହିଛନ୍ତି, ଏହା ଦ୍ୱାରା ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଥିବା ହସ୍ତଶିଳ୍ପୀ ଓ ବୁଣାକାରମାନେ ଇମାର୍କେଟିଂ ମାଧ୍ୟମରେ କରାଯାଉଥିବା ବ୍ୟବସାୟ ସମ୍ବନ୍ଧୀୟ ଜ୍ଞାନ ଆହରଣ କରିବା ସହିତ ନିଜର ଉତ୍ପାଦନକୁ ଭାରତ ତଥା ବିଶ୍ୱ ବଜାରରେ ଉପସ୍ଥାପନ କରିପାରିବେ ଏବଂ ବିକ୍ରି କରିପାରିବେ। ବର୍ତ୍ତମାନ ମହାମାରୀ ପରିସ୍ଥିତିରେ ଏହି ଚୁକ୍ତିନାମା ଦ୍ୱାରା ହସ୍ତଶିଳ୍ପୀ ଓ ବୁଣାକାରମାନେ ଇ-ମାର୍କେଟିଂ ମାଧ୍ୟମରେ ବିଶେଷଭାବେ ଉପକୃତ ହେବେ। ସ୍ଥାନୀୟ ବ୍ୟବସାୟକୁ ପ୍ରୋତ୍ସାହିତ କରିବା ଓ ସେଗୁଡ଼ିକୁ ଇକୋସିଷ୍ଟମ୍ ସହଭାଗିତା ମାଧ୍ୟମରେ ପରିବର୍ତ୍ତନ କରିବା ଦାୟିତ୍ୱ। ଏହି ଚୁକ୍ତି ରାଜ୍ୟର ହଜାର ହଜାର ହସ୍ତତନ୍ତ କାରିଗର, ବୁଣାକାର ଓ ଶିଳ୍ପୀମାନଙ୍କ ପାଇଁ ଫ୍ଲିପ୍‌କାର୍ଟ ସମର୍ଥର ଲାଭ ଆଣିହେବ ବୋଲି ଫ୍ଲିପ୍‌କାର୍ଟ ଗ୍ରୁପ୍‌ର ଚିଫ୍ କର୍ପୋରେଟର ଆଫାୟାର୍ସ ଅଫିସର ରଜନିଶ କୁମାର କହିଛନ୍ତି। ଦେଶବ୍ୟାପୀ ୫ଲକ୍ଷରୁ ଉର୍ଦ୍ଧ୍ୱ କାରିଗର, ବୁଣାକାର ଓ କ୍ଷୁଦ୍ର ଶିଳ୍ପଗୁଡ଼ିକର ଜୀବିକାକୁ ସପୋର୍ଟ କରୁଛି। ଫ୍ଲିପ୍‌କାର୍ଟ ସମର୍ଥ କାର୍ଯ୍ୟ ପୁଞ୍ଜିର ଅଭାବ, ଦୁର୍ବଳ ଭିତ୍ତିଭୂମି ଓ ପର୍ଯ୍ୟାପ୍ତ ତାଲିମ୍ ଆଦି ବାଧାବିଘ୍ନର ସମ୍ମୁଖୀନ ହେଉଥିବା ମହିଳା ଉଦ୍ୟୋଗୀ, ଦିବ୍ୟାଙ୍ଗ ଉଦ୍ୟୋଗୀ, କାରିଗର ଓ ବୁଣାକାର ଆଦିଙ୍କ ଉପରେ ସ୍ୱତନ୍ତ୍ର ଧ୍ୟାନ ସହିତ ବହୁସଂଖ୍ୟକ ଗ୍ରାମୀଣ ଉଦ୍ୟୋଗଙ୍କ ନିକଟରେ ପହଞ୍ଚିବା ପାଇଁ ଦେଶର ପ୍ରତିଷ୍ଠିତ ଏନ୍‌ଜିଓ, ସରକାରୀ ସଂସ୍ଥା ଓ ଜୀବିକା ମିଶନଗୁଡ଼ିକ ସହ ମିଶି କାର୍ଯ୍ୟ କରୁଛି।




## ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା

# ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲର ଶତପ୍ରତିଶତ ଫଳାଫଳ

**ଭୁବନେଶ୍ୱର :** ନିକଟରେ ପ୍ରକାଶ ପାଇଛି ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଫଳ। ଏହି ପରୀକ୍ଷାରେ ରାଜଧାନୀରେ ପ୍ରତିଷ୍ଠିତ ଘରୋଇ ବିଦ୍ୟାଳୟ ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲର ସମସ୍ତ ଛାତ୍ରଛାତ୍ରୀ ଉତ୍ତମ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ଛାତ୍ରୀ ମନୀଷା ସାହୁ ସର୍ବୋଚ୍ଚ ୯୭.୪% ରଖି ଟପର ହୋଇଥିଲା ବେଳେ ଛାତ୍ର ମୁକୁଳ ସିଂ ୯୧%, ରାଜାରାମ ପରିଡା ୯୦% ଯଥାକ୍ରମେ ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟର ଅଧକ୍ଷ ଡ.ସ୍ୱରୂପା ନନ୍ଦ ମିଶ୍ର ଛାତ୍ରଛାତ୍ରୀମାନଙ୍କର ସଫଳତାରେ ଖୁସି ହୋଇ ଏହାର ଶ୍ରେୟ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମକର୍ତ୍ତାଙ୍କୁ ଦେଇଥିଲେ। ସେହିପରି ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲର ସମସ୍ତ ଛାତ୍ରଛାତ୍ରୀ ଉତ୍ତମ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ଛାତ୍ର ରତ୍ନାକର ସାହୁ ସର୍ବୋଚ୍ଚ ୯୫% ରଖି ଟପର ହୋଇଛନ୍ତି। ପ୍ରତୀକ ପାତ୍ର ୯୪%, ହିତେଶ କୁମାର ରାଉତ ୯୧% ଓ ସୌଭିକ ପାଳିତ ଯଥାକ୍ରମେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟର ୧୧ଜଣ ଛାତ୍ରଛାତ୍ରୀ ୯୦%ରୁ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ଅଧକ୍ଷ ଡ. ସ୍ୱରୁପା ନନ୍ଦ ମିଶ୍ର ଛାତ୍ରଛାତ୍ରୀମାନଙ୍କର ସଫଳତାରେ ଖୁସି ହୋଇ ଏହାର ଶ୍ରେୟ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମକର୍ତ୍ତାମାନଙ୍କୁ ଦେଇଥିଲେ। ବିଦ୍ୟାଳୟର ଚେୟାରମ୍ୟାନ୍ ପବିତ୍ର ରାଉତରାୟ ସମସ୍ତ ଛାତ୍ରଛାତ୍ରୀଙ୍କୁ ସଫଳତାର ଅଭିନନ୍ଦନ ଜଣାଇବା ସହିତ ପିଲାମାନଙ୍କର ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଛନ୍ତି। ସେହିପରି ଅଧକ୍ଷ ମହୋଦୟ ଓ ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଗଞ୍ଜାମ ପାଇଁ ସ୍ୱତନ୍ତ୍ର ରଣନୀତି, ମନିଟରଙ୍କୁ ହଜାରେ ଟଙ୍କା

**ଭୁବନେଶ୍ୱର :** ଗଞ୍ଜାମ ଜିଲ୍ଲାରେ କୋଭିଡ ରୋଗକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର ନୂତନ ରଣକୌଶଳ ଗ୍ରହଣ କରିଛନ୍ତି। ଏଥିରେ ଭିତ୍ତିଭୂମି ସଂପ୍ରସାରଣ, ଟେଲିମେଡିସନ ଏବଂ ସଚେତନତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ରଙ୍କ ଅଧକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ଗୃହୀତ ନିଷ୍ପତ୍ତି ଅନୁଯାୟୀ ନୂତନ ରଣ କୌଶଳର ମୁଖ୍ୟ ଲକ୍ଷ୍ୟ ରହିବ କୋଭିଡ-୧୯ ଜନିତ ମୃତ୍ୟୁକୁ ରୋକିବା, ତଦାରଖ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା। ବ୍ରହ୍ମପୁର ମେଡିକାଲ କଲେଜର ଏମ୍‌ରଜିନ୍ସ ଏବଂ ଓପିଡି ତୁରନ୍ତ ଖୋଲିବା ସହିତ ଏହା ଯେପରି ୨୪x୭ କାର୍ଯ୍ୟ କରିବ ସେଥିପାଇଁ ବ୍ୟବସ୍ଥା କରିବା ପାଇଁ ସ୍ଥିର କରାଯାଉଛି। ବ୍ରହ୍ମପୁର ମେଡିକାଲ କଲେଜରେ ଜଣେ ଅତିରିକ୍ତ ସୁପରିନ୍‌ଟେଣ୍ଡେଣ୍ଟ ନିଯୁକ୍ତ କରାଯିବ। କୋଭିଡ ପରିଚାଳନାରେ ସେ ସୁପରିନଟେଣ୍ଡେଣ୍ଟଙ୍କୁ ସହାୟତା କରିବେ। ଏମ୍‌କେସିଜ୍‌ର ଶିଶୁରୋଗ ୱାର୍ଡକୁ ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟରରେ ପରିଣତ କରାଯିବ ଏବଂ ଏହା ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହିବ। ସେହିପରି ମଧ୍ୟ ବିଦ୍ୟୁତ୍‌ପୁରରେ ୧୫୦ ଶଯ୍ୟା ବିଶିଷ୍ଟ କୋଭିଡ କେୟାର ସେଣ୍ଟର କରାଯିବ। ଶିଶୁ ମନ୍ଦିରରେ ୧୫୦ ଶଯ୍ୟା ବିଶିଷ୍ଟ କୋଭିଡ କେୟାର ସେଣ୍ଟର କରାଯିବ ଏବଂ ଏହା ବ୍ରହ୍ମପୁର ମହାନଗର ନିଗମ ଦ୍ୱାରା ପରିଚାଳିତ ହେବ। ସିଟ୍ ହସ୍ପିଟାଲ ଚିକିତ୍ସା ସୁବିଧା ଯୋଗାଇବ। ଅକ୍‌ସିଜେନ ସ୍ତର କମ୍ ଥାଇ ବିଳମ୍ବରେ ଚିକିତ୍ସା ପାଇଁ ଆସୁଥିବା ରୋଗୀମାନଙ୍କ ପାଇଁ ପ୍ରତି ସିସିସି ଏବଂ ସିଏଚ୍‌ସିରେ ୧୦ ପ୍ରତିଶତ ଶଯ୍ୟା ସଂରକ୍ଷିତ ରହିବ। ପଜିଟିଭ୍ ରୋଗୀମାନଙ୍କ ଉତ୍କଣ୍ଠା କମାଇବା ପାଇଁ, ପରାମର୍ଶ ଦେବା ପାଇଁ




ମନସ୍ତାତ୍ତ୍ୱିକ ପରାମର୍ଶଦାତା ରହିବେ ଏବଂ ମୋନେ ଟେଲି କନସେଲିଂ କରିବେ। ସୁସ୍ଥ ହୋଇଥିବା କୋଭିଡ ରୋଗୀମାନଙ୍କୁ ପରାମର୍ଶଦାତା ଭାବରେ ନିଯୁକ୍ତି ଦିଆଯିବ ଏବଂ କୋଭିଡ ମନିଟର ଭାବରେ ସେମାନେ ଅନ୍ତତଃ ୧୦ ଜଣ ରୋଗୀଙ୍କୁ ଆବଶ୍ୟକ ପରାମର୍ଶ ଓ ସାହସ ଦେବେ। ଏଥିପାଇଁ ସେମାନେଙ୍କୁ ୧୦୦୦ ଟଙ୍କା ଦିଆଯିବ। ହୋମ ଆଇସୋଲେସନରେ ଥିବା ରୋଗୀମାନଙ୍କୁ ମେଡିସିନ କିଟ୍ ଯୋଗାଇଦେବା ସହିତ ଓଡ଼ିଆରେ ଔଷଧ ଖାଇବା ସୂଚନା ଦିଆଯିବ। ଏହା କେୟାର ଗିଭର ଏବଂ ସେମାନଙ୍କ ପରିବାରକୁ ଆବଶ୍ୟକ ଉପଦେଶ ସହିତ ଆଇଇସି ମେଟରିଆଲ ମଧ୍ୟ ଯୋଗାଇ ଦିଆଯିବ। ବ୍ରହ୍ମପୁର ଓ ଗୋପାଳପୁରରେ ଥିବା ହୋଟେଲ ମାନଙ୍କୁ ଜିଲ୍ଲାପାଳ କୋଭିଡ ଯୁଦ୍ଧରେ ଆଗଧାଡ଼ିରେ ଥିବା ଡାକ୍ତର ଓ ଅନ୍ୟମାନଙ୍କ ରହଣି ନିମନ୍ତେ ସଂରକ୍ଷିତ ରଖିବେ। ଜରୁରୀ ଚିକିତ୍ସା ଆବଶ୍ୟକ କରୁଥିବା ରୋଗୀମାନଙ୍କ ସୁବିଧା ପାଇଁ ଭେଷଜ, ଶଲ୍ୟ, ମାନସିକ ରୋଗ ଏବଂ ଶିଶୁରୋଗ ମାନଙ୍କ ସେବା ଟେଲିମେଡିସିନ ବ୍ୟବସ୍ଥା ଜରିଆରେ ଯୋଗାଇଦେବା ପାଇଁ ବ୍ୟବସ୍ଥା କରାଯିବ। କୋଭିଡ ପଜିଟିଭ ରୋଗୀ ଓ ସୁସ୍ଥ ହୋଇଥିବା ରୋଗୀମାନଙ୍କୁ ମଧ୍ୟ ମାନସିକ ସୁସ୍ଥତା ପାଇଁ କଲ ସେଣ୍ଟର ଜରିଆରେ ଆବଶ୍ୟକ ପରାମର୍ଶ ଦିଆଯିବ। କୋଭିଡ ରୋଗ ନିୟନ୍ତ୍ରଣ ପାଇଁ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ଆଇଇସି ମେଟରିଆଲ ବଣ୍ଟନ ସହ ଏ ସମ୍ପର୍କରେ ବ୍ୟାପକ ପ୍ରଚାର ପାଇଁ ପଦକ୍ଷେପ ନିଆଯିବ।




# ଉଠାଦୋକାନୀଙ୍କୁ ଥଇଥାନ କରନ୍ତୁ ବିଏମ୍‌ସି କମିଶନର






**ଭୁବନେଶ୍ୱର :** ଦୀର୍ଘବର୍ଷ ପରେ କଳ୍ପନା ଛକରୁ ବଡଗଡ ଗାଁକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ଆରମ୍ଭ ହୋଇଛି। ପୂର୍ବରୁ ଏହି ରାସ୍ତାଟି ଅଣଓସାରିଆ ଥିଲା ଏବଂ ଏହାର ଦୁଇପାର୍ଶ୍ୱରେ ବହୁବର୍ଷ ଧରି ଛୋଟବଡ କ୍ୟାବିନ୍ ପକାଇ ୧୦୦ରୁ ଊର୍ଦ୍ଧ୍ୱ ଉଠାଦୋକାନୀ ବେପାର ବଣିଜ ପାଇଁ ସେମାନଙ୍କ ପରିବାର ପ୍ରତିପୋଷଣ କରୁଥିଲେ। ହେଲେ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଆରମ୍ଭ ପୂର୍ବରୁ ଏହି ଦୋକାନୀମାନଙ୍କୁ ଏଠାରୁ ଉଠାଇ ଦିଆଯାଇଛି। ଦୋକାନ ଉଠାଇବା ସମୟରେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା ଯେ, ସେମାନଙ୍କୁ ଅନ୍ୟତ୍ର ଥଇଥାନ କରାଯିବ, ନଚେତ୍ ରାସ୍ତା ପାର୍ଶ୍ୱରେ ଭେଣ୍ଡିଂଜୋନ୍ କରାଯାଇ ଦିଆଯିବ। ରାସ୍ତା କାର୍ଯ୍ୟ ସରିବାକୁ ବସିଥିଲା ବେଳେ ଏହି ଗରିବ ଦୋକାନୀମାନେ ଏବେ ରୋଜଗାର ହରାଇ ପରିବାର ସହ ଭୋକ ଉପାସରେ ରହୁଛନ୍ତି। ରାସ୍ତା ଚଉଡାକୁ ନେଇ ବହୁ ଲୋକ ଖୁସିଥିଲା ବେଳେ ଏଭଳି ଗରିବ ଲୋକଙ୍କ ଚିନ୍ତା କେହି କରୁନାହାନ୍ତି। ତେଣୁ ଉଠାଦୋକାନୀଙ୍କ ଥଇଥାନ ପାଇଁ ଅଣ୍ଟା ଭିଡିଛନ୍ତି ସମାଜସେବୀ ତଥା ଆଡ୍‌ଭୋକେଟ୍ ଅଭୟ ସିଂହ (ଅନୁ)। ଶ୍ରୀ ସିଂହ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ପ୍ରେମଚନ୍ଦ୍ର ଚୌଧୁରୀଙ୍କୁ ଅନୁରୋଧ କରି କହିଛନ୍ତି ଯେ, ଦୀର୍ଘବର୍ଷ ଧରି ଏହି ରାସ୍ତାର ଦୁଇପାର୍ଶ୍ୱରେ ଛୋଟବଡ ବେପାରୀଙ୍କୁ ଥଇଥାନ କରାନଗଲେ ସେମାନେ ଯିବେ କୁଆଡେ। ରାଜ୍ୟର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ଗରିବଙ୍କ ଥଇଥାନକୁ ଗୁରୁତ୍ୱ ଦେଉଥିଲା ବେଳେ ବିଏମ୍‌ସି କିଭଳି ଏମାନଙ୍କ ଦୁଃଖ ବୁଝିପାରୁନାହିଁ। ତେଣୁ ବିଏମ୍‌ସି କମିଶନର ତୁରନ୍ତ ଏହି ଘଟଣାରେ ହସ୍ତକ୍ଷେପ କରି ଉଠାଦୋକାନୀଙ୍କ ସମସ୍ୟାର ସମାଧାନ କରନ୍ତୁ। ନଚେତ୍ ରୋଜଗାର ହରାଇଥିବା ଏହି ବ୍ୟବସାୟୀମାନେ ପ୍ରଶାସନ ଉପରୁ ଆସ୍ଥା ହରାଇ ବସିବେ।

## ଅଗଷ୍ଟ ୩୧ ପର୍ଯ୍ୟନ୍ତ ଭିନ୍ନକ୍ଷମ ବିଦ୍ୟାଳୟ ବନ୍ଦ

**ଭୁବନେଶ୍ୱର :** ରାଜ୍ୟରେ ଆସନ୍ତା ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ପାଇଁ ଥିବା ସମସ୍ତ ସ୍ୱତନ୍ତ୍ର ବିଦ୍ୟାଳୟ ବନ୍ଦ ରହିବ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ସମସ୍ତ ସ୍ପେଶାଲ ସ୍କୁଲକୁ ବନ୍ଦ କରାଯିବ। ଏନେଇ ଭିନ୍ନକ୍ଷମ ସାମାଜିକ ନିରାପତ୍ତା ଓ ସଶକ୍ତୀକରଣ ବିଭାଗ ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ଜୁଲାଇ ମାସ ୩୧ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏନେଇ ସମସ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗକୁ ଅବଗତ କରାଯାଇଛି।










Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି